# ଜାଗା ମିଶନ ଅଧୀନରେ ପଟ୍ଟା ବଣ୍ଟନ

ସମ୍ବଲପୁର, ୨୯।୨(ସମିସ)

ସହରାଞ୍ଚଳର ବିଭିନ୍ନ ସୁବିଧା ଓ ସେବା ଉତ୍ସର୍ଗ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକସେବା ଭବନ କନଭେନ୍ସନ ସେଣ୍ଟରରେ ୫-ଟି ଆଧାରରେ ସହରାଞ୍ଚଳ ରୂପାନ୍ତରଣ ପ୍ରକଳ୍ପର ଲୋକାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ। ଜାଗା ମିଶନ ଅନ୍ତର୍ଗତ ୪ଟି ମହାନଗର ନିଗମ ବ୍ରହ୍ମପୁର, କଟକ, ସମ୍ବଲପୁର ଓ ରାଉରକେଲାରେ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। ୪ ମହାନଗର ନିଗମ ଅଞ୍ଚଳରେ ୨୧୪୨୭ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯିବ। ଏହା ସହିତ ୬୯ଟି ସହର ବସ୍ତିବାସିନ୍ଦାଙ୍କୁ ୬୨୬ ବିଜୁ ଆଦର୍ଶ କଲୋନୀ ଉତ୍ସର୍ଗ କରାଯିବ। ଯାହାଦ୍ୱାରା ପ୍ରାୟ ୨ଲକ୍ଷ ଲୋକ ଉପକୃତ ହେବେ। ୨୬ଟି ବସ୍ତି ମୁକ୍ତ ସହର ଘୋଷଣା ହେବ। ସେହିପରି ବ୍ରହ୍ମପୁରକୁ ସମ୍ପୂର୍ଣ୍ଣ ୨୪ସ୭ ଡ୍ରିଙ୍କ ଫ୍ରମ୍‌ଟ୍ୟାପ୍ ସହର ଭାବେ ଘୋଷଣା ହେବ। ୪.୭୦ ଲକ୍ଷ ଲୋକ ଉପକୃତ ହେବେ। ଝାରସୁଗୁଡା, ବ୍ରଜରାଜନଗର, ବେଲପାହାଡ଼ ସହିତ ଅନ୍ୟ ୩୦ସହର ନିମନ୍ତେ ୬୦ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉତ୍ସର୍ଗ ହେବ। ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ। କଟକ ସହର ପାଇଁ ନବନିର୍ମିତ ବକ୍ସ ଡ୍ରେନ ଲୋକାର୍ପଣ ହେବ। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆଜି ଜାଗା ମିଶନ ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଆଜି ସମ୍ବଲପୁର ମଣ୍ଡଲିଆ ପଡ଼ିଆରେ ଜମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ସମ୍ବଲପୁରରେ ୧୦ହଜାର ୫ଜଣ ହିତାଧିକାରୀ ରହିଛନ୍ତି। ଅଞ୍ଚଳ ଗୁଡ଼ିକ ହେଲା ବୁର୍ଲା, ହୀରାକୁଦ ଓ ସମ୍ବଲପୁର। ଆଜି କାର୍ଯ୍ୟକ୍ରମରେ ମଣ୍ଡଲିଆରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ଏମ୍‌ସି କମିଶନର ବେଦ ଭୂଷଣ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଜମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି ୬ ଜଣ ହିତାଧିକାରୀ ହେଲେ ସେଣ୍ଟର ଲାଇନର ଲିଲି ଖଡିୟା, ବୃନ୍ଦା କାଣ୍ଡା, ଆମ୍ବେଦକର ନଗରର ନୁରି ଦାସ, ମାୟାବାଗିଚାରୁ ତରଣୀ ସୁନା, ବିନୋଦିନୀ ପ୍ରଧାନ ଓ ରେମେଡ ହରିଜନପଡ଼ାର ଗୁଲୁ ଗର୍ଡ଼ିଆ। ହିତାଧିକାରୀଙ୍କୁ ଏଲ୍‌ଆର୍‌ସି ବଣ୍ଟନ ପାଇଁ ୩୨ଟି କାଉଣ୍ଟର ଖୋଲାଯାଇଛି। ଏସ୍‌ଏମ୍‌ସି କମିଶନର ବେଦ ଭୂଷଣ, ଏସ୍‌ଏମ୍‌ସି ଜାଗା ମିଶନର ଡେପୁଟି କମିସନର୍ କମ୍ ନୋଡାଲ୍ ଅଫିସର ଶୋଭାଦିପ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ସମଗ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ବର୍ଷରୁ ଲୋକମାନଙ୍କ ଦାବି ପୂରଣ ହୋଇଛି। ପଟ୍ଟା ପାଇବା ପରେ ହୀତଧିକାରୀ ମାନେ ବେଶ ଉତ୍ସାହିତ ରହିଥଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଆଗକୁ ପର୍ଯ୍ୟାୟକ୍ରମେ ଚିହ୍ନଟ କରି ସମସ୍ତ ଉଚିତ ହୀତଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଏକ ସୋସାଇଟି ଯାହାର ନେତୃତ୍ୱ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏଚଆଣ୍ଡୟୁଡିର ଅଧ୍ୟକ୍ଷ ଓ ପ୍ରମୁଖ ସଚିବ ସଦସ୍ୟ ସଚିବ ଭାବରେ କାର୍ଯ୍ୟ କରନ୍ତି। ଓଡ଼ିଶାରେ ବସବାସ ଯୋଗ୍ୟ ବାସସ୍ଥଳୀ ମିଶନ ଜାଗାର ଲକ୍ଷ୍ୟ ବସ୍ତିଗୁଡ଼ିକୁ ସମାନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ମଧ୍ୟରେ ଉନ୍ନତ ଅଞ୍ଚଳ ସହିତ ସମସ୍ତ ଆବଶ୍ୟକ ନାଗରିକ ଭିତ୍ତିଭୂମି ଏବଂ ସେବା ସହିତ ବାସଯୋଗ୍ୟ ବାସସ୍ଥାନରେ ପରିଣତ କରିବା ଏବଂ ଭିତ୍ତିଭୂମି ଓ ମାନରେ ନିରନ୍ତର ଉନ୍ନତି ଆଣିବା ଏବଂ ଜୀବିକା ସୁଯୋଗ ଉପଲବ୍ଧ କରାଯାଉଛି। ସହରାଞ୍ଚଳ ଗରିବଙ୍କ ଜୀବନରେ ସ୍ଥାୟୀ ପରିବର୍ତ୍ତନ ପାଇଁ ଆବଶ୍ୟକ ନୀତି ସଂସ୍କାରର ବିକଳ୍ପ ଯାଞ୍ଚ କରିବା ପାଇଁ ଏହା ଓଡ଼ିଶା ସରକାରଙ୍କୁ ପରାମର୍ଶଦାତା ସହାୟତା ପ୍ରଦାନ କରିବ।





## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ, ଖୁସି ମନାଇଲେ

**ସମ୍ବଲପୁର, ୨୯।୨(ସମିସ):** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନ ଅନ୍ତର୍ଗତ ଭୂମି ଅଧିକାର ସାର୍ଟିଫିକେଟ (ଏଲ ଆର ସି) ଦେବାର ପ୍ରକ୍ରିୟା ଆଜି ଠାରୁ ଆରମ୍ଭ ହୋଇଛି। ଏହାକୁ ନେଇ ସମ୍ବଲପୁର ମହାନଗର ନିଗମ ବସ୍ତି ବାସିନ୍ଦା ମହାସଂଘ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତଥା ସମ୍ବଲପୁର ମହାନଗର ବସ୍ତିବାସିନ୍ଦା ମହାସଂଘ ସଭାପତି ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଇଂ.ସିଦ୍ଧାର୍ଥ ଦାସ ଙ୍କୁ ଭେଟି ସଂଘ କୃତଜ୍ଞତା ଜଣାଇଥିଲେ ଏହା ସହ ଖୁସୀ ମନାଇଥିଲେ।ବସ୍ତି ବାସିନ୍ଦା ମହାସଂଘର ଉପସଭାପତି ଲିଙ୍ଗରାଜ ତ୍ରିପାଠୀ, ନାସିର ଫରାଜ, ସାଧାରଣ ସମ୍ପାଦକ ଭରତ ସୁନା, ନରେଶ ଭରଦ୍ୱାଜ, ଧରତୀ ଛାତ୍ରପାଲ, ସମ୍ପାଦକ ବନମାଳୀ ନାଗ, ବସୁଦେଶ ପାଲ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଭିମନ୍ୟୁ ରାଉତ ପ୍ରମୁଖ ପ୍ରକାଶ କରିଛନ୍ତି। ସମ୍ବଲପୁର ମହାନଗରର ବସ୍ତି ବାସିନ୍ଦା ମାନଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ସେମାନେ ସମ୍ବଲପୁର ବସ୍ତିବାସିନ୍ଦା ମହାସଂଘର ସଭାପତି ଇଂ.ସିଦ୍ଧାର୍ଥ ଦାସଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ଆଗାମୀ ଦିନରେ ଖୁବ ଶୀଘ୍ର ବାକି ସରଭେ ହୋଇଥିବା ପରିବାର ମଧ୍ୟ ଜାଗା ମିଶନ ଅନ୍ତର୍ଗତ ଭୂମି ଅଧିକାର ସାର୍ଟିଫିକଟ (ଏଲ ଆର ସି) ପ୍ରଦାନ କର ଯିବ ବୋଲି ଆଶା ପ୍ରକାଶ କରିଛନ୍ତି।



## ସମ୍ବଲପୁର ପାଇଁ ପୁଣି ଗର୍ବ ଆଣିଲେ ପ୍ରଗତି ଗୁରୁ

**ସମ୍ବଲପୁର, ୨୯।୨(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟର ସାଇକୋଲୋଜି ବିଭାଗରେ ହେଲେ ଟପ୍ପର ହୋଇଛନ୍ତି ସମ୍ବଲପୁର ପ୍ରଗତି ଗୁରୁ। ଟପ୍ପର ହେବା ସହ ସର୍ଣ୍ଣପଦକ ହାସଲ କରିଛନ୍ତି। ଆଜି ଉତ୍କଳ ବିଶ୍ୱବିଦ୍ୟାଳୟର



ସମାବର୍ତ୍ତନ ସମାରୋହରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦାନ କରିଥିବା ବେଳେ ସଫଳତା ପାଇଥିବା ସବୁ ବିଭାଗ ଛାତ୍ରଛାତ୍ରୀଙ୍କୁ ପଦକ ପ୍ରଦାନ କରାଯାଇଥିଲା। ପ୍ରଗତିଙ୍କ ଘର ସମ୍ବଲପୁର ମୋଦିପଡ଼ା। ବାପା ଆଇନଜୀବୀ ରାଜେନ୍ଦ୍ର କୁମାର ଗୁରୁ ଓ ମାଁ ସୁନିତାଙ୍କ ଝିଅ। ସଂଗ୍ରାମୀ ସତ୍ୟନାରାୟଣ ଗୁରୁଙ୍କ ନାତୁଣୀ ଅଟନ୍ତି। ସୁଚନା ଅନୁସାରେ ପ୍ରଗତି ବିଗତ ବର୍ଷ ବିଜେବି କଲେଜରେ ପାଠ ପଢୁଥିବା ବେଳେ ସାଇକୋଜିରେ ଯୁକ୍ତ ୩ ରେ ଟପ୍ପର ହୋଇଥିଲା। ଏଥର ମଧ୍ୟ ପୁଣିଥରେ ପ୍ରଗତି ଗୁରୁଙ୍କ ସଫଳତା ପରେ ସମ୍ବଲପୁର ସହର ତଥା ତାଙ୍କ ମୋଦିପଡ଼ା ବାସଭବନ ଅଞ୍ଚଳରେ ଆନନ୍ଦ ଲହରି ଖେଲିଯାଇଛି। ଏହାସହ ସାରା ସମ୍ବଲପୁର ସହରର ରେ ଥିବା ମେଧାବୀ ଛାତ୍ରି ପ୍ରଗତିଙ୍କୁ ତାଙ୍କ ସଫଳତା ପାଇ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରେ ସମ୍ବଲପୁରର ପ୍ରଦୀପ ପଣ୍ଡା

**ସମ୍ବଲପୁର, ୨୯।୨(ସମିସ):** ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁମୋଦନରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁନର୍ଗଠିତ ହୋଇଛି। ଏକାଡେମୀ ସମ୍ବିଧାନର ପୂର୍ବ ନିୟମରେ ସଂଶୋଧନ କରାଯାଇ ପ୍ରଥମ ଥର ପାଇଁ ୩୦ ଜିଲ୍ଲାରୁ ୩୦ ଜଣ ସଦସ୍ୟଙ୍କୁ ସାଧାରଣ ପରିଷଦରେ ସ୍ଥାନ ଦିଆଯାଇଛି। ଏଥିରେ ସମ୍ବଲପୁର ଜିଲ୍ଲାର ପ୍ରଦୀପ ପଣ୍ଡା ସ୍ଥାନ ପାଇଛନ୍ତି। ସେ ଏ ଦାୟିତ୍ୱରେ ୩ ବର୍ଷ ପାଇଁ ରହିବେ। ଶ୍ରୀ ପଣ୍ଡା ଏକାଡେମୀ ପୁରସ୍କାର ସହ ଅନେକ ପୁରସ୍କାର ପାଇସାରିଛନ୍ତି। ସେ ଜଣେ ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ ଭାବରେ ବେଶ ପରିଚିତ।



## ୫୦ହଜାର ଠକିନେଲେ ସାଇବର ଠକ

**ସମ୍ବଲପୁର, ୨୯।୨(ସମିସ):** ବୁର୍ଲା ସୌରଭ ବିହାରରେ ରହୁଥିବା ରାମଗୋପାଳ ପାଣିଗ୍ରାହୀ କ୍ଲୋନିଂ ୱେବ୍‌ସାଇଟ୍ ମାଧ୍ୟମରେ ୫୦ହଜାର ଟଙ୍କାର ସାଇବର୍ ଠକେଇର ଶିକାର ହୋଇଛନ୍ତି। ଏସ୍‌ବିଆଇର ୱେବ୍‌ସାଇଟ୍ ଭଳି ଅବିକଳ କଲ ନକଲ ୱେବ୍‌ସାଇଟ୍ (କ୍ଲୋନିଂ ସାଇଟ୍) ଖୋଲି ଯାଇଥିଲା। ୨୦ ତାରିଖ ରାତି ଏସ୍‌ବିଆଇ ଲେଖା ଥାଇ ଏକ ମେସେଜ୍ ତାଙ୍କ ପାଖକୁ ଆସିଥିଲା। ୟୋନୋରେ ୪୯୮୮ ରିୱାର୍ଡ ପଏଣ୍ଟ ରିଦିମ୍ କରିବା ପାଇଁ ସେଥିରେ ଉଲ୍ଲେଖ ଥିଲା ଏବଂ ରିୱାର୍ଡ ପଏଣ୍ଟକୁ ଟଙ୍କାରେ ବଦଳାଇବାକୁ ଆଜି ଶେଷ ତାରିଖ (ଫେବ୍ରୁଆରି ୨୦) ବୋଲି ଲେଖା ଯାଇଥିଲା। ତା' ସାଙ୍ଗରେ ଗୋଟିଏ ଲିଙ୍କ୍ ଦିଆଯାଇଥିଲା। ଲିଙ୍କ୍ କ୍ଲିକ୍ କରି ନାମ ଓ ପାସ୍ୱାର୍ଡ ସେଟ୍ କରିବା ପରେ ଓଟିପି ମଗାଯାଇଥିଲା। ୨ ଥର ସେ ଓଟିପି ଦେଇଥିଲେ। ଏସବୁ ମଧ୍ୟରେ ଠକ ତାଙ୍କ ଆକାଉଣ୍ଟରୁ ୪୯, ୮୮୮ ଟଙ୍କା କାଟି ନେଇଥିଲା।

## ଯୁବକଙ୍କୁ କଟୁରିରେ ଆକ୍ରମଣ

**ସମ୍ବଲପୁର, ୨୯ ।୨(ସମିସ):** ଟାଉନ ଥାନା ଅଞ୍ଚଳରେ ସନୁ ଯାଦବ ନାମକ ଯୁବକ ତାର ପରିବାରବର୍ଗଙ୍କୁ ଏକ କଟୁରୀରେ ଆକ୍ରମଣ କରୁଥିବା ବେଳେ ଅନ୍ୟ ଜଣେ ବାରଣ କରିଥିଲେ। ତେବେ ଏହି ସମୟରେ ସେ ବାରଣ କରୁଥିବା ଲୋକଙ୍କୁ କଟୁଣୀରେ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ତଦନ୍ତ କରୁଛି।

## ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୯।୨ (ସମିସ):** ବୀର ସୁରେନ୍ଦ୍ର ସାଏଙ୍କ ମହାପ୍ରୟାଣ ଦିବସରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାଂସ୍କୃତିକ ସମାଜର କର୍ମକର୍ତ୍ତାଗଣ ସ୍ଥାନୀୟ ଜେଲ୍ ଛକରେ ଥିବା ବୀର ସୁରେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଭାପତି ଅଶୋକ କୁମାର ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ଓଡ଼ିଶା ସାଂସ୍କୃତିକ ସମାଜର ଅନୁରୋଧ ରକ୍ଷାକରି ସୁରେନ୍ଦ୍ର ସାଏଙ୍କ ଅନ୍ତିମ ବିଶ୍ରାମ ସ୍ଥଳୀ ମଧ୍ୟ ପ୍ରଦେଶର ଅସୀରଗଡ଼ରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବାରୁ କେନ୍ଦ୍ର ଉଚ୍ଚ ଶିକ୍ଷା ବିଭାଗ ଓ ଦକ୍ଷତା ବିକାଶ ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏ ସଂକ୍ରାନ୍ତରେ ସାଂସ୍କୃତିକ ସମାଜର ଏକ ପ୍ରତିନିଧି ଦଳ ଆସନ୍ତା ୪ ତାରିଖରେ ଅସୀରଗଡ଼ ଯାତ୍ରା କରିବ। ଅସୀରଗଡ଼ରେ ମୂର୍ତ୍ତି ସ୍ଥାପିତ ହେଲେ ବୀର ସୁରେନ୍ଦ୍ର ସାଏଙ୍କ ଅଧିକ ପ୍ରଚାର ପ୍ରସାର ହେବ ବୋଲି କହିଥିଲେ।



## ଗାଁ ସାଥୀଙ୍କ ଆନ୍ଦୋଳନ

**ସମ୍ବଲପୁର, ୨୯।୨(ସମିସ):** ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ଗାଁସାଥୀ ଆନ୍ଦୋଳନ କରିଛନ୍ତି। ସେମାନଙ୍କ ଦାବି ଅନୁସାରେ ଗାଁ ସାଥୀ(ମେଟ୍)ଙ୍କୁ କାର୍ଯ୍ୟ ଓ ପ୍ରାପ୍ୟ ପ୍ରଦାନ, ସ୍ମାର୍ଟଫୋନ ଓ ମୋବାଇଲ ରିଚାର୍ଜ ଖର୍ଚ୍ଚ, ଡ୍ରେସକୋଡ କରିବା ଆଦି ବିଭିନ୍ନ ଦାବି ନେଇ ଗାଁ ସାଥୀଙ୍କ ପକ୍ଷରୁ ଆନ୍ଦୋଳନ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ଗାଁ ସାଥୀ ସାମିଲ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ମିଳିତ ଏକ ଦାବିପତ୍ର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ପ୍ରଦାନ କରାଯାଇଛି। ଗାଁସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଅଇଁଠାପାଲି ପିଏଚଡି ପଡ଼ିଆକୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଆଉଡିସି ଅଫିସରେ ପହଞ୍ଚିଥିଲେ। ଏଥିରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ବରାଙ୍ଗୀର, କଳାହାଣ୍ଡି, ବରଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ମାଥୀ ସାମିଲ ହୋଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ବିବେକାନନ୍ଦ ଠାକୁର, ଶୋଭାଚର ସାହୁ, ପ୍ରଦୀପ ପଟେଲ, ଜଗବାନ ବିହାର, ରେଷନ ମୁଣ୍ଡା, ଦୟାନିଧି ପଶାୟତ, ଅରବିନ୍ଦ ପଡେଇ, ନୟନା ନାୟକ, ମୀନା ନାୟକ, ରାମଚନ୍ଦ୍ର ଭୋଇ, ପ୍ରଫୁଲ୍ଲ ପାଇଁ ନନ୍ଦିନୀ ନିକ, ଜନ୍ମ ଓରାମ, ଶକ୍ତିଗ୍ୱର ବୀଜାର, ଗୌରୀ ଭୋଇ, ତମେଶ ସାହୁ, ବିନୋଦ ସାହୁ, ମଙ୍ଗୁଲୁ ଜଣୀ, ଗତଧର ସିଜା, ଜଳଧର ଧରୁଆ, ପରମାନନ୍ଦ ତା ରତନ ଚାପ, ତରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱଶାନ୍ତି ଓ ଜଗତ କଲ୍ୟାଣ ପାଇଁ ଶ୍ରୀରାମ ବାଟିକାରେ ନାମଯଜ୍ଞ

**ସମ୍ବଲପୁର, ୨୯।୨(ସମିସ):** ବିଶ୍ୱ ଶାନ୍ତି ଓ ଜଗତ କଲ୍ୟାଣ ପାଇଁ ସିନ୍ଦୁରପଙ୍କ କେନଘାଟି ସ୍ଥିତ ଶ୍ରୀରାମ ବାଟିକାରେ ଆରମ୍ଭ ହୋଇଛି ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ। ଆସନ୍ତା ମାର୍ଚ୍ଚ ତିନି ତାରିଖ ରେ ଦଧିରଞ୍ଜନ, ପୂର୍ଣ୍ଣାହୁତି ସହ ଏହି ଅଖଣ୍ଡ ଚବିଶି ପ୍ରହରୀ ଶେଷ ହେବ। ଏହି ନାମଯଜ୍ଞ ଅବସରରେ କାଶୀରୁ ଆସିଥିବା ଶ୍ରୀ ଶ୍ରୀ ଭରତ ଦାସ ମହାରାଜ ଓ ତାଙ୍କ ସହ ଆସିଥିବା ସାଧୁସନ୍ଥ ମାନଙ୍କ ସୁଲଭ ଦର୍ଶନ ମିଳିପାରିବ। ୨୮ରେ ଅଧିବାସ ସରିବା ପରେ ୨୯ ତାରିଖ ରୁ ନାମାରମ୍ଭ ହୋଇଯାଇଛି। ଏହି ଅଖଣ୍ଡ ଚବିଶ ପ୍ରହରୀ ନାମଯଜ୍ଞ ରେ ସାମିଲ ସହ ବିଶିଷ୍ଟ ସାଧୁସନ୍ଥ ଓ ମହନ୍ତ ଙ୍କ ଦର୍ଶନ ପାଇଁ ବିଭିନ୍ନ ସ୍ଥାନରୁ ଭକ୍ତ ଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହି ଅଖଣ୍ଡ ଚବିଶ ପ୍ରହରୀ ନାମ ସଂକୀର୍ତ୍ତନ ରେ ସମଗ୍ର ଅଂଚଳ ଭକ୍ତିମୟ ହେବାରେ ଲାଗିଛି। ହୋମ ଯଜ୍ଞ, ନାମ ସଂକୀର୍ତ୍ତନ ରେ ଭବ୍ୟ ହୋଇଛି ଶ୍ରୀରାମ ବାଟୀକା। ଏହି ଭାବ ଭକ୍ତିପୂର୍ଣ୍ଣ ମହାଯଜ୍ଞ ରେ ସାମିଲ ହେବାକୁ ବିଶିଷ୍ଟ ସମାଜସେବୀ ଶତ୍ରୁଘନଲାଲ ସାହା ଓ ପୂର୍ବତନ ଉପନଗରପାଳ ସିଧାର୍ଥ ଶାହା ଭକ୍ତିପୂତ ଅନୁରୋଧ କରିଛନ୍ତି।



## ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା, ଅଦୃଶ୍ୟ ନାଟ୍ୟ ଆଶ୍ରମର ସଫଳତା

**ସମ୍ବଲପୁର, ୨୯।୨(ସମିସ):** ପୁରୀ ଠାରେ ଅ, ଆ ( ଅନୁଷ୍ଠାନ ଆମର ) ପକ୍ଷରୁ ଆୟୋଜିତ ନାଟକ ପ୍ରତିଯୋଗିତାରେ ସମ୍ବଲପୁରର ଅଦୃଶ୍ୟ ନାଟ୍ୟ ଆଶ୍ରମ ସଫଳତା ହାସଲ କରିଛି। ୧୨ ଦିନ ଧରି ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମ୍ବଲପୁରର ନାଟ୍ୟ ଅନୁଷ୍ଠାନ ଅଦୃଶ୍ୟ ନାଟ୍ୟ ଆଶ୍ରମ ଅତୀଶ କୁମାର ଶତପଥି ଦ୍ୱାରା ଲିଖିତ ତଥା ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ଭାବ ନୁ ଅଭାବ ପରିବେଷଣ କରି ଶ୍ରେଷ୍ଠ ନିର୍ଦ୍ଦେଶନା, ଶ୍ରେଷ୍ଠ ଅଭିନେତା ତଥା ତୃତୀୟ ଶ୍ରେଷ୍ଠ ପ୍ରଯୋଜନା ପୁରସ୍କାର ପାଇ ଉଚ୍ଚ ପ୍ରଶଂଶିତ ହୋଇଛନ୍ତି ନାଟକରେ ସର୍ବଶ୍ରୀ ନରେନ୍ଦ୍ର ବେହେରା, ଫକଜିନି ମେହେର, ସୁମିତ୍ରା ମହାକୁର ଏବଂ ଅତୀଶ କୁମାର ଶତପଥି ଅଭିନୟ କରିଥିବା ବେଳେ, ପ୍ଲାବନ ମିଶ୍ର ଆଲୋକ ସମ୍ପାଦନା, ଗିରିଜା ଶଙ୍କର ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା, ତଥା ଶୁଭଂମ ମେହେର, ଘନ ମେହେର ଓ ରାହୁଲ ଗୁପ୍ତା ମଞ୍ଚ ପରିଚାଳନା କରିଥିଲେ।

## ରୋହିତ ପୂଜାରୀଙ୍କ ହୀରାକୁଦ ଗସ୍ତ

**ହୀରାକୁଦ, ୨୯।୨(ସମିସ):** ସମ୍ବଲପୁର ଜିଲ୍ଲା ସଭାପତି ରୋହିତ ପୂଜାରୀ ଆଜି ସକାଳୁ ହୀରାକୁଦ ଗସ୍ତ କରି ବିଭିନ୍ନ ଚା'ଦୋକାନରେ ଲୋକଙ୍କୁ ଭେଟି ଚର୍ଚ୍ଚା କରିଥିଲେ। ସକାଳ ୮ଟା ସମୟରେ ଶକ୍ତିନଗର ଓ ସନ୍ତୋଷୀ ମା'ମନ୍ଦିର ଛକଠାରେ ଚା'ଦୋକାନରେ ଚା'ପିଇବା ସହିତ ଜନସାଧାରଣ ଓ କର୍ମୀ ମାନଙ୍କ ସହିତ ଆଲୋଚନା କରି ହୀରାକୁଦର ସମସ୍ୟା ବୁଝିବା ସହିତ ନିର୍ବାଚନ ବିଷୟରେ ଚର୍ଚ୍ଚା କରିଥିଲେ। ସମ୍ବଲପୁରରେ ନବୀନ ପଟ୍ଟନାୟକ ଯାହାକୁ ବିଧାୟକ ପ୍ରାର୍ଥୀ ଭାବେ ମନୋନୀତ କରିବେ ତାହାକୁ ସମସ୍ତେ ତାଙ୍କୁ ଜିତାଇବା ପାଇଁ ସହଯୋଗ କାମନା କଲେ। ଆସନ୍ତା ନିର୍ବାଚନରେ ସମସ୍ତ ମତ ପାର୍ଥକ୍ୟ ଭୁଲି ଏକଜୁଟ ହେବ ପାଇଁ କର୍ମୀ ମାନଙ୍କୁ କହିଥିଲେ। ହୀରାକୁଦର ଉନ୍ନତି ପାଇଁ ସେ ଆଗାମୀ ଦିନରେ ବିଶେଷ ପଦକ୍ଷେପ ଗ୍ରହଣ କରିବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



## ଅନ୍ତର୍ଜାତୀୟ ମାତୃଭାଷା ଦିବସ



**ସମ୍ବଲପୁର, ୨୯।୨ (ସମିସ):** ମହିଳା ମହାବିଦ୍ୟାଳୟ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁରର ସରକାରୀ ଭାଷା ବିଭାଗ ଦ୍ୱାରା ଭାଷଣ ପ୍ରତିଯୋଗିତା ହୋଇଥିଲା। ଦ୍ୱାଦଶ ଶ୍ରେଣୀ ଏବଂ ସ୍ନାତକୋତ୍ତର ଶ୍ରେଣୀର ବାଳିକା ଛାତ୍ରମାନଙ୍କ ପାଇଁ ସମ୍ପୃକ୍ତ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ଉଚ୍ଚ ମାଧ୍ୟମିକ (ଦ୍ୱାଦଶ ଶ୍ରେଣୀ)ର ୬ ଜଣ ଓ ସ୍ନାତକ କ୍ୟାଡରର ୧୩ ଜଣ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀଙ୍କ ସମେତ ମୋଟ ୫୦ଜଣ ଛାତ୍ର ଏଥିରେ ସାମିଲ ହୋଇଥିଲେ। ପ୍ରତିଯୋଗିତାର ବିଷୟବସ୍ତୁ 'ଆମର ଦୈନନ୍ଦିନ ଜୀବନରେ ମାତୃଭାଷାର ପ୍ରଭାବ ଓ ଗୁରୁତ୍ୱ' ଉପରେ ରହିଥିଲା। ଅଂଶଗ୍ରହଣକାରୀମାନେ ଓଡ଼ିଆ, ବଙ୍ଗାଳୀ ଓ ହିନ୍ଦୀରେ ସେମାନଙ୍କର ମତାମତ ବାଣ୍ଟିଥିଲେ। ଏହି ଅବସରରେ ଆଞ୍ଚଳିକ ମୁଖ୍ୟ ସୁରେନ୍ଦ୍ର ଗୋଣ୍ଡ ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଡ. ରାଜଶ୍ରୀ ବାରାଲଙ୍କୁ ଟ୍ରଫି ଓ ସମ୍ମାନରେ ପୁରସ୍କୃତ କରାଯାଇଥିଲା। ଆଞ୍ଚଳିକ କାର୍ଯ୍ୟାଳୟର ସିନିୟର ମ୍ୟାନେଜର ସ୍ୱଦୀପ ଚନ୍ଦ୍ର ମହାନ୍ତି, ଅଧିକାରୀ ସୁମିତ କୁମାର ଅଗ୍ରୱାଲ, ମ୍ୟାନେଜର ଅଫିସିଆଲ ଭାଷା ଅଜୟ ଗୁପ୍ତା ଉପସ୍ଥିତ ରହି ମାତୃଭାଷା ଉନରେ ନିଜର ମତ ବାଣ୍ଟିଥିଲେ।




## ଦ୍ୱିତୀୟ ପର୍ଯ୍ୟାୟରେ ଖୋଲିଲା ଆମ ବ୍ୟାଙ୍କ

# ନାଗରିକମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ସାମିଲ ଲକ୍ଷ୍ୟ

ସମ୍ବଲପୁର,୨୯।୨(ସମିସ)

ଗ୍ରାମାଞ୍ଚଳରେ ଆର୍ଥିକ ଉପଲବ୍ଧତାର ବ୍ୟବଧାନକୁ ଦୂର କରି ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବ୍ୟାପକ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ 'ଆମ ବ୍ୟାଙ୍କ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାର ସମସ୍ତ ଅଣବ୍ୟାଙ୍କିଂ ଗ୍ରାମ ପଞ୍ଚାୟତ (ଜିପି)ରେ ସିଏସପି ପ୍ଲସ୍ ବ୍ୟାଙ୍କିଂ ଆଉଟଲେଟ୍ ମାଧ୍ୟମରେ ବ୍ୟାଙ୍କିଙ୍ଗ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହା ଏକ ଐତିହାସିକ ପଦକ୍ଷେପ ଆମ ବ୍ୟାଙ୍କ କାର୍ଯ୍ୟକାରୀ ହେବା ଦ୍ୱାରା ଗ୍ରାମୀଣ ଜନସାଧାରଣ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ଦୂର କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଜି ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ବ୍ୟାଙ୍କ' ଯୋଜନାର ଦ୍ୱିତୀୟ ପର୍ଯ୍ୟାୟକୁ ଉଦ୍ ଘାଟନ କରିଛନ୍ତି। ସମ୍ବଲପୁରରେ ବାମରା ବ୍ଲକର ବଡ଼ଁସଲାଗ୍ରାମ ପଞ୍ଚାୟତ, ଲାରିଆପାଲି ପଞ୍ଚାୟତ ଓ ମହୁପାଲିରେ ପଞ୍ଚାୟତରେ ବ୍ୟାଙ୍କ ଉଦ୍ ଘାଟିତ ହୋଇଛି। କୁଚିଣ୍ଡା ବ୍ଲକର ମୁଢେନପାଲି ପଞ୍ଚାୟତ, ଅରଡାବାହାଲ ପଞ୍ଚାୟତ, ବାଙ୍କୀ ପଞ୍ଚାୟତ, ବାଉରୀଗୁଡା ପଞ୍ଚାୟତ, ଚାନ୍ଦନିମାଳ ପଞ୍ଚାୟତ, ହାଡିପାଲି ପଞ୍ଚାୟତ, ଖଣ୍ଡୋକଟା ପଞ୍ଚାୟତ, କୁଟୁରୁଚୁଆଁ ପଞ୍ଚାୟତ, ପାରୁଆଭାଡି ପଞ୍ଚାୟତ, ସାଲେଭାଡି ପଞ୍ଚାୟତ ଓ ତେଲିଟିମାଳ ଗ୍ରାମ ପଞ୍ଚାୟତ ଉଦ୍ ଘାଟିତ ହୋଇଛି। ମାନେଶ୍ୱର ବ୍ଲକ ଡାକରା ଗ୍ରାମ ପଞ୍ଚାୟତରେ ଉଦ୍ ଘାଟିତ, ରେଙ୍ଗାଲି ବ୍ଲକର ରେଙ୍ଗଲୋଇ ଗ୍ରାମ ପଞ୍ଚାୟତ ଓ ଝାଙ୍କରପାଲି ଗ୍ରାମ ପଞ୍ଚାୟତରେ ଉଦ୍‌ଘାଟିତ ହୋଇଛି। ଜମନକିରାର ମହାଡା ଗ୍ରାମ ପଞ୍ଚାୟତରେ ଓ ସାରଦା ଗ୍ରାମ ପଞ୍ଚାୟତ ଉଦ୍‌ଘାଟିତ ହୋଇଛି। ନାକଟିଦେଉଳର ଘୋସରମାଳ ଗ୍ରାମ ପଞ୍ଚାୟତରେ, ଗିରିସଚନ୍ଦ୍ରପୁର ଗ୍ରାମ ପଞ୍ଚାୟତରେ, ପାଣିମୁରା ଗ୍ରାମ ପଞ୍ଚାୟତ ଉଦ୍‌ଘାଟିତ ହୋଇଥିବା ବେଳେ ଜମନକିରାର ଚକୁଲିବାହାଲ ଗ୍ରାମ ପଞ୍ଚାୟତରେ, ଧୁଡିପାଲି ଗ୍ରାମ ପଞ୍ଚାୟତରେ ଓ ଖାରସାମାଳ ଗ୍ରାମ ପଞ୍ଚାୟତ ଉଦ୍‌ଘାଟିତ ହୋଇଥିଲା।। ସୂଚନା ଥାଉଯେ, ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ବ୍ୟାଙ୍କ ଜନସେବାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହୋଇଛି। ସମସ୍ତ ସରକାରୀ ସୁବିଧା ସିଧା ସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି। ସେଥିପାଇଁ ମୋ ରାଜ୍ୟର ସବୁ ହିତାଧିକାରୀ ସୁବିଧାରେ ଓ ଠିକ୍ ସମୟରେ ତାଙ୍କ ପ୍ରାପ୍ୟ ପାଆନ୍ତୁ। କେହି ଜଣେ ବି ହିତାଧିକାରୀ ସରକାରୀ ସହାୟତା ପାଇବାରେ ଯେପରି ହଇରାଣ ନ ହେବେ ତାକୁ ଦୃଷ୍ଟିରେ ରଖି ଏହି ବ୍ୟାଙ୍କ ଗୁଡିକ ଖୋଲାଗଲା। ଏ ଦିଗରେ ବ୍ୟାଙ୍କ ଗୁଡିକ ଭଲ ଭାବେ କାମ କରିବ। 'ଆମ ବ୍ୟାଙ୍କ' ରାଜ୍ୟ ସରକାରଙ୍କ ଏକ ଅଭିନବ ପଦକ୍ଷେପ। ସାରା ଦେଶରେ ଏକ ମଡେଲ। ବ୍ୟାଙ୍କ ଗୁଡିକ ହିତାଧିକାରୀଙ୍କୁ ୧୫ ପ୍ରକାର ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗାଁମାନଙ୍କରେ ଡିଜିଟାଲ ଭିତ୍ତିଭୂମିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମସ୍ତଙ୍କ ଏକ ମୌଳିକ ଅଧିକାର। ଏକ କଲ୍ୟାଣକାରୀ ରାଜ୍ୟ ଭାବରେ ସମସ୍ତ ନାଗରିକମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ସାମିଲ କରିବା ଆମର ମୁଖ୍ୟ ଦାୟିତ୍ୱ। ଓଡ଼ିଶା ଆଜି ଯେଉଁ ବ୍ୟାଙ୍କ ନଥିବା ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ଯୋଗାଇ ଦେଉଛି, ତାହା ଜାତୀୟ ସ୍ତରରେ ଉଦାହରଣ ହୋଇ ରହିବ।



## ବାଦିମାଲ ପଞ୍ଚାୟତରେ 'ଆମ ବ୍ୟାଙ୍କ' ଆରମ୍ଭ

**ଲଖନପୁର,୨୯।୨(ସମିସ):** ଲଖନପୁର ବ୍ଲକ ଅନ୍ତର୍ଗତ ବାଦିମାଲ ପଞ୍ଚାୟତ ମୁଖ୍ୟାଳୟ ମାର୍କେଟ କମ୍ପ୍ଲେକ୍ସଠାରେ ବାଦିମାଲ ସରପଞ୍ଚ ରାଜେଶ ପଧାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧମରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟନ କରାଯାଇଛି। ସମସ୍ତ ପଞ୍ଚାୟତବାସୀଙ୍କୁ ଉତ୍ତମ ବ୍ୟାଙ୍କ ସେବା ଯୋଗାଇଦେବା ପାଇଁ ଏହି ସେବା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ, ସମସ୍ତ ୱାର୍ଡସଭ୍ୟ, ଜନସାଧାରଣ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିସିକାନ୍ତ ଚାନ୍ଦ, ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମାନିନୀ ମେହେର, ଜିଆରଏସ ପ୍ରଭାତ ସା ପ୍ରମୁଖ ଉପସ୍ଥିତ ଥିଲେ। ମହିଳାମାନେ ବିଶେଷ ସୁବିଧା ପାଇବେ ବୋଲି ସ୍ଥାନୀୟ ସରପଞ୍ଚ ମତ ଦେଇଛନ୍ତି।




# ବ୍ରଜରାଜନଗର ଓ ବେଲପାହାଡ଼କୁ ଜଳଯୋଗାଣ ପ୍ରକଳ୍ପ ଲୋକାର୍ପିତ

**ଝାରସୁଗୁଡ଼ା, ୨୯।୨ (ସମିସ)**

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବେଲପାହାଡ଼ ଓ ବ୍ରଜରାଜନଗର ସହରକୁ ପାନୀୟ ଜଳ ଯୋଗାଣ ଉନ୍ନତିକରଣ ପ୍ରକଳ୍ପର ଲୋକାର୍ପଣ ହୋଇଛି। ୫-ଟି ଆଧାରରେ ସହରାଞ୍ଚଳ ରୂପାନ୍ତରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ସହରବାସୀଙ୍କ ବିଭିନ୍ନ ସୁବିଧା ସେବା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି କ୍ରମରେ ରାଜ୍ୟର ୨୪ଟି ସହରର ୨୭ଟି ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ, ୩୫ଟି ସହରର ୬୦ଟି ଜଳଯୋଗାଣ ପ୍ରକଳ୍ପର ଲୋକାର୍ପଣ ସହ ହୀରାକୁଦ ଜଳଭଣ୍ଡାର ଉତ୍ସରୁ ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ସହରରେ ପାନୀୟଜଳ ଯୋଗାଣ ଉନ୍ନତିକରଣ ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ସେହିପରି ନଗର ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପ ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜି ରାଜ୍ୟର ବିଭିନ୍ନ ସହରରେ ଲୋକମାନଙ୍କ ପାଇଁ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ କରାଗଲା। ଜାଗା ମିଶନ ସେମାନଙ୍କ ପାଇଁ ବହୁତ ବଡ଼ ଆଶୀର୍ବାଦ ହୋଇଛି। ଆମର ଡ୍ରିଙ୍କ ଫ୍ରମ୍ ଟେପ୍ ମିଶନ କାର୍ଯ୍ୟକ୍ରମ ସହରାଞ୍ଚଳ ବିକାଶ କ୍ଷେତ୍ରରେ ସାରା ଦେଶ ପାଇଁ ଏକ ମଡେଲ। ଭଲ ପିଇବା ପାଣି ପଚାଶ ପ୍ରତିଶତ ସ୍ୱାସ୍ଥ୍ୟ




ସମସ୍ୟାର ସମାଧାନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୩୮ ଏମଏଲଡ଼ି ପାଣିରୁ ଝାରସୁଗୁଡ଼ା ସହରକୁ ୧୯ ଏମଏଲଡ଼ି, ବ୍ରଜରାଜନଗର ସହରକୁ ୧୨ ,ବେଲପାହାଡ଼ ସହରକୁ ୭ ଏମଏଲଡି ପାଣି ଯୋଗାଇଦିଆଯିବ। ବ୍ରଜରାଜନଗର ଖଲିଆକାନିସ୍ଥିତ ଜଳବିଶୋଧନାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ମୁଖ୍ୟଅତିଥି, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରକଳ୍ପ ରୂପାୟନରେ ସମ୍ପୃକ୍ତ ସମସ୍ତ ସଂସ୍ଥାକୁ ଏଥିପାଇଁ ସାଂସଦ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ବ୍ରଜରାଜନଗର ପୌରାଧକ୍ଷା ଜାଜ୍ଞସେନୀ ଓରାମ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ।

୩୨୪ କୋଟି ଟଙ୍କା ବିନିମୟରେ ଏହି ପ୍ରକଳ୍ପ ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ୩ଟି ପୌରପରିଷଦ,ଏବଂ ୪ଟି ବ୍ଲକ୍ ର ୪୯୬୮୩୮ ଲୋକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନଗର ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପ ୬୯୭୧ ମୌଳିକ ଭିତ୍ତି ଭୂମି , ୩୬୯୯ଟି ପକ୍କା ରାସ୍ତା, ବସ୍ତି ବାସିନ୍ଦା ପାଇଁ ହୋଇଥିବା ବିଭିନ୍ନ କାର୍ଯ୍ୟ ତଥା ମୁକ୍ତା ଯୋଜନାରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ରାଜ୍ୟବାସୀଙ୍କୁ ଉତ୍ସର୍ଗ କରାଯାଇଛି। ବ୍ରଜରାଜନଗରରେ ୧୯ଟି ପକ୍କା ରାସ୍ତା ଓ ୧୩୮ଟି ମୁକ୍ତା ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ମୁକ୍ତା ପ୍ରକଳ୍ପରେ ବ୍ରଜରାଜନଗର ପୌରପରିଷଦ ଦ୍ୱାରା ୧୦ଟି ପରିଚୟ ଗୃହ, ୩୨ଟି ମୁକ୍ତ ଆକାଶ ଜିମ୍, ୩୪ଟି ଶିଶୁ କ୍ରୀଡାସ୍ଥଳ, ୧୧ଟି ଭେଣ୍ଡିଂ ଜୋନ, ୨୧ଟି ଖୋଲା ସ୍ଥାନ ଉନ୍ନତିକରଣ, ୧୩ଟି ୱାକିଂ ଟ୍ରାକ, ୧୬ଟି ସହର ସୌନ୍ଦର୍ଯ୍ୟକରଣ ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପନ୍ନ ପୂର୍ବକ ସହର ରୂପାନ୍ତରଣରେ ସହାୟକ ହୋଇଛି। ଏହାଦ୍ୱାରା ୭୯୮୫୬ ଦିନର କର୍ମନିଯୁକ୍ତି ସୃଷ୍ଟି କରାଯାଇପାରିଛି। ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ମୁକ୍ତା ଯୋଜନା ସମ୍ପର୍କରେ ପ୍ରାକ ସୂଚନା ଦେଇଥିବା ବେଳେ ୱାଟକୋ ଜି ଏମ୍ ସୁବ୍ରତ ନାୟକ ଜଳଯୋଗାଣ ପ୍ରକଳ୍ପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

## ନାବାଳକ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼, ୨୯ ।୨(ସମିସ):** କିଶୋର ନ୍ୟାୟବୋର୍ଡର ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ସୁଧୀର କୁମାର ମିଶ୍ର ଦିନ ଏକ ହତ୍ୟା ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଜଣେ ନାବାଳକ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୨୦ ଏପ୍ରିଲ ୧୩ରେ ଲଇମୁରା ଫାଣ୍ଡି ପାଣିଭଣ୍ଡାର ଗ୍ରାମର ସମ୍ବାରୁ ଶବର ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟାକରି ନିକଟସ୍ଥ ପାହାଡ ତଳେ ପୋତି ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସମ୍ବାରୁଙ୍କ ଘରେ ବାପ ପୁଅମାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ସେଇ କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର ବେଳେ ୧୬ ଜଣଙ୍କର ସାକ୍ଷ୍ୟ ବୟାନ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତି କରି ପ୍ରମାଣ ଅଭାବରୁ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ସୁଧୀର କୁମାର ମିଶ୍ର, ସଦସ୍ୟ ଡ. ସମୀର କୁମାର ନନ୍ଦ ଓ ଗାୟତ୍ରୀ ଦ୍ୱିବେଦୀ ପ୍ରମୁଖ ଅଭିଯୁକ୍ତ ନାବାଳକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ତରଣିକାନ୍ତ ଦାଶ ମାମଲାର ପରିଚାଳନା କରୁଥିଲେ।

## ଛୁଇଁପାଲି କ୍ୱାର୍ଜାଇଟ୍ ଖଣି ପାଇଁ ଅଭିଯୋଗ ଶୁଣାଣି

**ଲଖନପୁର,୨୯।୨(ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ଭିକମପାଲି ପଞ୍ଚାୟତ ଛୁଇଁପାଲିସ୍ଥିତ ମେସର୍ସ ଟାଟା କ୍ରୋସାକୀ ରିଫାକ୍ଟ୍ରି ଲିମିଟେଡ଼ର କ୍ୱାର୍ଜାଇଟ ଖଣି ବାର୍ଷିକ ଉତ୍ପାଦନ କ୍ଷମତା ବୃଦ୍ଧିକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଖଣି ପ୍ରଭାବିତ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲା ବେଳେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ଖଣି ପ୍ରଭାବିତ ଅଞ୍ଚଳରେ ପାରିପାର୍ଶ୍ୱିକ ବିକାଶ ଉପରେ ଅନେକ ଲୋକ ମତ ପ୍ରକାଶ କରିଥିଲେ। ଝାରସୁଗୁଡା ଅତିରିକ୍ତ ଜିଲ୍ଲାପାଳ କିଶୋରଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ ନାଏକ, ତହସିଲଦାର ଲଖନପୁର ପ୍ରମୁଖ ଅଭିଯୋଗ ଶୁଣିଥିଲେ। ୪୪ଜଣ ମହିଳା ପୁରୁଷ ନିଜ ନିଜ ମତ ପ୍ରକାଶ କରିଥିଲେ। ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ନେତୃତ୍ୱରେ ଲଖନପୁର ବ୍ଲକ ସମସ୍ତ ଥାନାଧିକାରୀ ସହିତ ଚାରି ପ୍ଲାଟୁନ ପୁଲିସ ବଳ ନିୟୋଜିତ ରହିଥିଲେ।

## ଏଲ୍ଏନ୍ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଝାରସୁଗୁଡ଼ା,୨୯ ।୨(ସମିସ):** ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ସ୍ମିତା ବୋଷ ତାଙ୍କ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ୧୯୮୬ରେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ କଲେଜରେ ଅଧ୍ୟାପନା ଆରମ୍ଭ କରି, ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ମହାବିଦ୍ୟାଳୟରେ କାର୍ଯ୍ୟ କରି ୨୦୧୦ରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡାରେ ଯୋଗଦାନ କରିଥିଲେ। ସେହିପରି ପ୍ରାଣୀ ବିଜ୍ଞାନ ବିଭାଗର ସହାୟିକା ଥିବା ବାସନ୍ତୀ କଉଡ଼ି ୧୯୯୨ରୁ ଅଦ୍ୟାବଧି କାର୍ଯ୍ୟରତ ଥିଲେ। କଲେଜ ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରାଧ୍ୟାପକ ତପନ ବାରିକ, ପ୍ରାଧ୍ୟାପକ ବିଜ୍ଞାନ ଭୂଷଣ ଭଞ୍ଜ, ପ୍ରାଧ୍ୟାପିକା ଗୀତରାଣୀ ଦିକ୍ଷୀତ, ଅଧ୍ୟାପକ ମନୀଷ ଦ୍ୱିବେଦୀ, ଅଧ୍ୟାପକ ଲାଲଧାରୀ ସିଂ, ଅଧ୍ୟାପିକା ପୂଜା ସାହା, ଅଧ୍ୟାପିକା ଶ୍ରୀୟାଲକ୍ଷ୍ମୀ ପଣ୍ଡା ଉଭୟଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଧ୍ୟାପିକା ଡ ଦୀପଶିଖା ସୋହେଲା ଧନ୍ୟବାଦ ଅର୍ପଣ କରିଥିଲେ।

## ନବବିବାହିତା ମହିଳାଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା,୨୯।୨(ସମିସ):** ଲଖନପୁର ଥାନା ଅନ୍ତର୍ଗତ ସିଂହାରପୁର ଗ୍ରାମରେ ଜଣେ ନବବିବାହିତା ମହିଳା ତାଙ୍କ ବାପ ଘରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ସିଂହାରପୁର ଗ୍ରାମର ସୁଦର୍ଶନ ପଧାନଙ୍କ ଝିଅ କାମିନୀ (୨୧) ଗତ ୬ ତାରିଖ ରେଙ୍ଗାଲି ଥାନା ଅନ୍ତର୍ଗତ ରେଙ୍ଗାଲି ଗ୍ରାମର ଜୟରାମ ସାଙ୍କ ପୁଅ ଆର୍ତ୍ତ ସାଙ୍କୁ ବିବାହ କରିଥିଲେ। ଦୁଇ ଦିନ ତଳେ ଶଶୁର ଘର ଲୋକେ ତାଙ୍କୁ ବାପ ଘରେ ଛାଡିଦେଇ ଯାଇଥିଲେ। ଗୁରୁବାର ଅପରାହ୍ନରେ ବାପା-ମାଆଙ୍କ ଅନୁପସ୍ଥିତିରେ କାମିନୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବିବାହର ୨୩ ଦିନ ମଧ୍ୟରେ ମହିଳାଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ହେଉଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ବଜରଙ୍ଗ କ୍ରିକେଟ ପ୍ରତିଯୋଗିତା / ସେମିରେ ଝାରସୁଗୁଡା

**ଦେବଗଡ଼, ୨୯ ।୨(ସମିସ):** ଦେବଗଡ଼ ପୌରାଞ୍ଚଳ ମହୁଲଡିପା ସାହିର ନାଳ ପଡ଼ିଆଠାରେ ମହାବୀର କ୍ଲବ୍ ପକ୍ଷରୁ ଆରମ୍ଭ ହୋଇଥିବା ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତାର ଗ୍ରୁପ୍ 'ବି' କ୍ୱାର୍ଟର ଫାଇନାଲ ମ୍ୟାଚରେ ବଜରଙ୍ଗ କ୍ରିକେଟ କ୍ଲବକୁ ୧୧୪ ରନ୍‌ରେ ପରାସ୍ତ କରି ଝାରସୁଗୁଡା ଶୁଭମ୍ ସ୍ପୋର୍ଟିଂ ସେମି ଫାଇନାଲକୁ ପ୍ରବେଶ କରିଛି। ଝାରସୁଗୁଡା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ଦଳ ୪ ୱିକେଟ ହରାଇ ୨୩୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବଜରଙ୍ଗ କ୍ରିକେଟ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା। ମ୍ୟାଚରେ ଝାରସୁଗୁଡା କ୍ରିକେଟ ଦଳ ୧୧୪ ରନ୍‌ର ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମୁକେଶ ଦଳାଇ ଓ ଦିଲୁ ଦାସଭାୟା ମ୍ୟାଚ୍ ପରିଚାଳନା କରିଥିଲେ। ରାଜେନ୍ଦ୍ର ଦେବ ସ୍କୋରର ଦାୟିତ୍ୱ ତୁଲାଇ ଥିବା ବେଳେ ପରିତୋଷ ସାହୁ ଅନ୍‌ଲାଇନ୍ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ଉପସଭାପତି ପ୍ରତିମ ବେହେରାଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ସୁଶାନ୍ତ ନନ୍ଦ ଯୋଗଦେଇ ଝାରସୁଗୁଡା ଶୁଭମ୍ ସ୍ପୋର୍ଟିଂର ଖେଳାଳି ବିଶାଳ ହାତୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସଭାପତି କାର୍ତ୍ତିକ ମହାକୁଳ, ସମ୍ପାଦକ ରାଜୀବ ଗଡ଼ନାୟକ, କୋଷାଧ୍ୟକ୍ଷ ସିପୁନ ଭଞ୍ଜ, ସହ କୋଷାଧ୍ୟକ୍ଷ ଆଲୋକ ମହାପାତ୍ରଙ୍କ ସମେତ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।




## ଶତାୟୁ ଡାକ୍ତର କୁଳମଣି ପରିଡ଼ାଙ୍କ ପରଲୋକ

**ଝାରସୁଗୁଡ଼ା,୨୯।୨(ସମିସ):** ବେଲପାହାଡ଼ ଗୁମାଡେରା ନିବାସୀ ଜଣେ ଶତାୟୁ ପୁରୁଷ ତଥା ସମାଜସେବୀ ଡାକ୍ତର କୁଳମଣି ପରିଡ଼ାଙ୍କ ଗତ ୨୧ ତାରିଖରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳରୁ ତାଙ୍କର ବୟସ ୧୦୨ ବର୍ଷ ହୋଇଥିଲା। ୧୯୫୮ରେ ସହସ୍ର ମାଇଲ ଦୂର ଉପକୂଳ ଓଡିଶାରୁ ଆସି ଗୁମାଡେରାରେ ପ୍ରବାସୀ ଓଡ଼ିଆ ବ୍ୟବସାୟୀ ଭାବେ ନିଜକୁ ଅବସ୍ଥାପନ କରିଥିଲେ। ସାଇକଲ ମରାମତି ଓ ବିକ୍ରି ଥିଲା ତାଙ୍କ ବ୍ୟବସାୟ। ପଶ୍ଚିମବଙ୍ଗର କଲିକତା ଭଳି ସହାରର ଏକ ପ୍ରଖ୍ୟାତ ହୋମିଓପ୍ୟାଥି କଲେଜ ଚିକାଗୋ ମେଡିକାଲ କଲେଜ ଅଫ ହୋମିଓପ୍ୟାଥିରୁ ଡାକ୍ତରୀ ଶିକ୍ଷା ଲାଭ କରିଥିଲେ। ପରେ ସେ ବ୍ୟବସାୟ ସହିତ ସେ ରୋଗୀମାନଙ୍କୁ ହୋମିଓପ୍ୟାଥି ଚିକିତ୍ସା ମଧ୍ୟ ଆରମ୍ଭ କରିଥିଲେ। ନିଜେ ଜଣେ ଡାକ୍ତର ଭାବରେ ପ୍ରତିଷ୍ଠିତ ହେବାପରେ ସେ ତାଙ୍କ ପୂର୍ବ ବ୍ୟବସାୟ ବନ୍ଦ କରିଦେଇଥିଲେ ଏବଂ ଶେଷ ଜୀବନ କାଳ ଯାଏ ଏକ ପ୍ରତିଷ୍ଠିତ ହୋମିଓପ୍ୟାଥି ଡାକ୍ତର ଭାବେ ଜୀବନ ଅତିବାହିତ କରିଥିଲେ। ସେ ଗୁମାଡେରାର ଶିବ ମନ୍ଦିର ଓ ଜଗନ୍ନାଥ ମନ୍ଦିର ଆଦି ଅନେକ ଧାର୍ମିକ ସଂସ୍ଥା ସହିତ ଜଡିତ ଥିଲେ। ଜଗନ୍ନାଥ ମନ୍ଦିର ନିର୍ମାଣରେ ତାଙ୍କର ଅତୁଳନୀୟ ଅବଦାନ ରହିଥିଲା। ତାଙ୍କ ପରିବାରର ପ୍ରାୟ ସବୁ ସଦସ୍ୟ ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବୁଦ୍ଧିଜୀବୀ ମହଲରେ କାମନା କରାଯାଇଛି।



## ଜିଲ୍ଲାପାଳଙ୍କୁ ସମ୍ମିଳିତ ଆଦିବାସୀ ସମାଜର ଧନ୍ୟବାଦ

**ଝାରସୁଗୁଡ଼ା,୨୯।୨(ସମିସ):** ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନୀଲ ନରୱନେଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ଉପଢୌକନ, ଫୁଲତୋଡା ଓ କୃତଜ୍ଞତାପତ୍ର ସହ ଧନ୍ୟବାଦ ଅର୍ପଣ କରାଯାଇଛି। ଗତ ୨୮ ତାରିଖ ବଢେଇମୁଣ୍ଡାଠାରେ ଥିବା ପୁରୁଣା ତହସିଲ କାର୍ଯ୍ୟାଳୟ ଭବନରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜିଲ୍ଲା କାର୍ଯ୍ୟାଳୟ ଜିଲ୍ଲାପାଳ ଉଦ୍‌ଘାଟନ କରିଛନ୍ତି; ଯାହା ଲଇକେରା ଓ କିର୍ମିରା ବ୍ଲକ୍‌ଦ୍ୱୟକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ସାମିଲ କରିବା ପ୍ରକ୍ରିୟା ପୂର୍ଣ୍ଣାଙ୍ଗ ହୋଇଛି। ୨୦୧୬ରୁ ସମ୍ମିଳିତ ଆଦିବାସୀ ସମାଜ ଏହି ବ୍ଲକଦ୍ୱୟକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ଅନ୍ତର୍ଭୁକ୍ତ କରିବା ପାଇଁ ବାରମ୍ବାର ଦାବି ଜଣାଇ ଆସିଛି। ଆଗାମୀ ଦିନରେ ଆଦିବାସୀ ମାନଙ୍କର ଉନ୍ନତି ହେବ। ଆସନ୍ତା ମାର୍ଚ୍ଚ ୫ ତାରିଖ ମଙ୍ଗଳବାର ଗୋଁଣ୍ଡ ଭବନଠାରେ ଏକ ଖୁସିର ଭେଟଘାଟ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଛି। ଏହି କୃତଜ୍ଞତା ଜ୍ଞାପନ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ମାଧବ ସିଂହ ନାଏକ, ପ୍ରମୁଖ ସଚିବ ଅଶୋକ ମାଝୀ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, କାର୍ଯ୍ୟାଳୟ ସଚିବ ବିନୋଦ ବିହାରୀ ବାଗ, ତ୍ରିଲୋଚନ ଉନସନା, ନଳିନ ନାଏକ, ଡିଲେଶ୍ୱର ନାଏକ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଉପଖଣ୍ଡ ମାନ୍ୟତା ଦାବିନେଇ ୫ ତାରିଖ ଲଇକେରା ବନ୍ଦ ଡକରା

**ଝାରସୁଗୁଡ଼ା/ଲଇକେରା, ୨୯।୨(ସମିସ):** ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକକୁ ସବଡିଭିଜନ ମାନ୍ୟତା ଦାବିନେଇ ଆସନ୍ତା ୫ତାରିଖ ମଙ୍ଗଳବାର ୧୨ଘଣ୍ଟିଆ ଲଇକେରା ବନ୍ଦ ଡକରା ଦେଇଛି ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି। ଗୁରୁବାର ଲଇକେରା ଗ୍ରାମବାସୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବ୍ଲକସ୍ତରୀୟ କୃଷକ ସଂଗଠନ ପକ୍ଷରୁ ଗାଁ ମୁଖିଆ ଟଙ୍କଧର ନାଏକଙ୍କ ଆବାହକତ୍ୱରେ କଲ୍ୟାଣମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟାଳୟରୁ ଲଇକେରା ବ୍ଲକ ୨୬ କିମି ଦୂରରେ ରହିଥିବା ବେଳେ, ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳ ପ୍ରାୟ ୬୫ କିମିରୁ ଅଧିକ ଦୂରରେ। ଯଦି ସରକାର ଲଇକେରାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ନ କରନ୍ତି ଭୋଟ ବର୍ଜନ କରିବା ସହିତ ଦୃଢ଼ ପ୍ରତିବାଦ କରି ନିଜର ଦାବି ହାସଲ କରିବାକୁ ପଡିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ କିର୍ମିରା ତେଜରାଜ ସାହୁ, ଦିଲୀପ ପଟେଲ, ସାଗର କୁମୁରା, ଶିକ୍ଷାବିତ ହିମାଦ୍ରୀ ସରାଫ, ସମାଜସେବୀ ମନୋଜ ବେହେରା, ରଞ୍ଜନ ମେହେର, ହେମସଗାର ବେହେରା, ପଞ୍ଚାନନ ନାଏକ, ଅଶ୍ୱିନୀ ସରାଫ, ସୁରେଶ ପଟେଲ, ଉମାଶଙ୍କର ପ୍ରଧାନ, ପ୍ରେମସଗାର ବେହେରାଙ୍କ ସମେତ ଜନସାଧାରଣ ଯୋଗ ଦେଇଥିଲେ।

### ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ

## ଜାତୀୟ ବିଜ୍ଞାନ ଦିବସ ପାଳିତ

**ହୀରାକୁଦ, ୨୯।୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ସୋମନାଥ ତରିଆ ଯୋଗ ଦେଇ ଦେଶର ପ୍ରଗତିରେ ବିଜ୍ଞାନର ଅବଦାନ ଓ ଶିଶୁ ମାନେ ତହିଁରେ ଅଧିକ ମନୋନିବେଶ କରିବାକୁ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ବିଜ୍ଞାନ କ୍ଷେତ୍ରରେ ସିଭି ରମଣଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଗୁରୁମା ଶୁଭଶ୍ରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ସ୍ୱାଗତିକା ପଣ୍ଡା ବୌଦ୍ଧିକ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିଶୁ ଭଉଣୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ ଭାଇ ଭଉଣୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



### ଆଇକନିକ୍ ହକି ପ୍ରତିଯୋଗିତା

# ପାରାଦୀପ ପୋର୍ଟକୁ ହରାଇଲା ଝାରସୁଗୁଡ଼ା

**ଝାରସୁଗୁଡ଼ା, ୨୯।୨(ସମିସ)**

ଓଡ଼ିଶାରେ ପ୍ରଥମଥର ଆଇକନିକ ହକି ପ୍ରତିଯୋଗିତା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୮ଟି ସର୍ବ ଶ୍ରେଷ୍ଠ ଦଳ ମଧ୍ୟରେ ଝାରସୁଗୁଡ଼ା ଅଂଶଗ୍ରହଣ କରିଥିବା ବେଳେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ୩ୟ ମ୍ୟାଚ୍‌ରେ ପାରାଦୀପ ପୋର୍ଟକୁ ଭେଟିଥିଲଶ। ଖେଳ ଆରମ୍ଭର ୧୦ ମିନିଟ ଓ ୧୪ ମିନିଟରେ ଦୁଇଟି ଗୋଲ ଦେଇ ଝାରସୁଗୁଡା ପ୍ରଥମ କ୍ୱାର୍ଟରରେ ଆଗୁଆ ରହିଥିଲା। ପାରାଦୀପ ପୋର୍ଟ ୨୩ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲା। ଖେଳର ୨୮ ମିନିଟରେ ଝାରସୁଗୁଡା ୩ୟ ଗୋଲଦେଇ ଖେଳର ପ୍ରଥମ ଭାଗରେ ୩-୧ ଗୋଲରେ ଆଗୁଆ ରହିଥିଲା। ୨ୟ ଭାଗରେ ପାରାଦୀପ ପୋର୍ଟ ଘନ ଘନ ଆକ୍ରମଣ କରି ୨ୟ କ୍ୱାର୍ଟରର ୩୭ ଓ ୪୦ ମିନିଟରେ ଦୁଇଟି ଗୋଲ ଦେଇ ଦଳକୁ ସମାନ ସ୍ତରକୁ ଆଣିଥିଲା। ୩ୟ କ୍ୱାର୍ଟରର ୫୦ ମିନିଟରେ ପୁନଶ୍ଚ ଝାରସୁଗୁଡା ୪ର୍ଥ ଗୋଲ ଦେଇ ଆଗୁଆ ରହିଥିଲା। ଖେଳ ସରିବାର ୩ ମିନିଟ ପୂର୍ବରୁ ପାରାଦୀପ ପୋର୍ଟ ଗୋଲଟି ପରିଶୋଧ କରିଥିଲା। ଶେଷରେ ଟ୍ରାଇବ୍ରେକର ପଦ୍ଧତିରେ ଝାରସୁଗୁଡା ଦଳ ୫-୪ ଗୋଲରେ ବିଜୟୀ ହୋଇ ଶୁକ୍ରବାର ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ସେମିଫାଇନାଲରେ ଭେଟିବ। ବିଜୟୀ ଦଳକୁ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ଏସପି ସ୍ମିତ .ପି ପରମାର, ଝାରସୁଗୁଡା ହକି ସଂଘର ସମ୍ପାଦକ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର ନାୟକ, ହକି ଆସୋସିଏସନ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ଓ ହକି ଆସୋସିଏସନର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି। ଏହି ଟିମର ମ୍ୟାନେଜର ସୁଶାନ୍ତ ବେହେରା ରହିଛନ୍ତି।




## ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ

**ଦେବଗଡ଼, ୨୯ ।୨(ସମିସ):** ଦେବଗଡ଼ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଯାଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ରାସ୍ତାରେ ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ପ୍ରତିକାର ପାଇଁ କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରାଯାଇଥିଲେ। ଏହି ଅବସରରେ ରାଞ୍ଚି-ବିଜୟୱାଡା ରାସ୍ତା ମରାମତି ଓ ବାରକୋଟ-ରାଜାମୁଣ୍ଡା ୪୩ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ପାର୍କିଂ ବ୍ୟବସ୍ଥା, ରାସ୍ତାଘାଟ ମରାମତି, ବିଭିନ୍ନ ସ୍ଥାନରେ ସତର୍କତାମୂଳକ ସୂଚନା ଫଳକ, ରାସ୍ତାରେ ଲାଇଟ୍ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସତ୍ୟନାରାୟଣ ମିଶ୍ର, ପୌରପରିଷଦ ନିର୍ବାହୀ ଅଧିକାରୀ ଅଞ୍ଜୁନୁ କୁଜୁର, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଧିବର୍ଷରେ ଶିଶୁପୁତ୍ର ଜନ୍ମ

# ପ୍ରତି ଚାରି ବର୍ଷରେ ପାଳିବେ ଜନ୍ମଦିନ ଉତ୍ସବ

**ବରଗଡ଼, ୨୯।୨(ସମିସ)**

ଫେବୃୟାରୀ ମାସରେ ୨୮ ଦିନ ହେଉଥିବା ବେଳେ ଚଳିତବର୍ଷ ଏହା ୨୯ ଦିନ ରହିଲା। ପ୍ରତି ଚାରି ବର୍ଷରେ ଫେବୃୟାରୀରେ ୨୯ ଦିନ ହେଉଥିବା ବେଳେ ଏହା ଅଧିବର୍ଷ ବା ଲିପ୍ ଇୟର ଭାବେ ପରିଗଣିତ ହୋଇଥାଏ। ଏହି ଦିନ ଜନ୍ମିତ ବ୍ୟକ୍ତି ବା ବିବାହ ହୋଇଥିବା ବ୍ୟକ୍ତି ପ୍ରତି ଚାରି ବର୍ଷରେ ତାର ଜନ୍ମୋତ୍ସବ ବା ବିବାହ ବାର୍ଷିକ ପାଳନ କରିଥାଏ। ଏହି କ୍ରମରେ ଆଜି ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଶିଶୁ ପୁତ୍ର ଜନ୍ମ ହୋଇଥିବା ବେଳେ ପରିବାର ବର୍ଗଙ୍କ ଖୁସିର ପଟାନ୍ତର ନାହିଁ। ତେବେ ଫେବୃୟାରୀ ୨୯ ତାରିଖ ପ୍ରତି ଚାରି ବର୍ଷରେ ଥରେ ପଡୁଥିବା ବେଳେ ସମ୍ପୃକ୍ତ ପରିବାର ପ୍ରତି ଚାରି ବର୍ଷରେ ଥରେ ଧୁମଧାମରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।



ଆଜିର ଦିନକୁ ବହୁସ୍ଥାନରେ ଜନସାଧାରଣ ଏକ ସ୍ୱତନ୍ତ୍ର ଦିନ ଭାବେ ଧରି ନେଇଥାନ୍ତି। ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ନେଇଛନ୍ତି ଏକ ଶିଶୁପୁତ୍ର। ବରଗଡ଼ ସହରର ୱାର୍ଡ ନମ୍ବର ୯ ବିଶି କଲୋନୀ ନିବାସୀ ରସାନନ୍ଦ କୁମ୍ଭାର ଓ ସ୍ତ୍ରୀ ଲଳିତା କୁମ୍ଭାରଙ୍କ କୋଳରେ ୨୯ ତାରିଖ ଅପରାହ୍ନରେ ଜନ୍ମ ନେଇଛନ୍ତି ଉକ୍ତ ଶିଶୁପୁତ୍ର। ରସାନନ୍ଦଙ୍କ ପୂର୍ବରୁ ତିନୋଟି ଝିଅ ଥିବା ବେଳେ ଆଜିର ଦିନରେ ଶିଶୁପୁତ୍ର ଜନ୍ମ ହେବା ନେଇ ଆତ୍ମବିଭୋର ହୋଇପଡ଼ିଛନ୍ତି। ଝିଅ ଆଉ ପୁଅ ଭିତରେ କିଛି ପାର୍ଥକ୍ୟ ନ ଥିଲେ ବି ଆଜିର ଦିନରେ ତିନି ଝିଅ ପରେ ପୁଅଟେ ପାଇ ନିଜ ଖୁସିକୁ ସେ ସମ୍ଭାଳି ପାରି ନଥିଲେ ରସାନନ୍ଦ। ସେ ଜଣେ ଟ୍ରକ ଚାଳକ ହୋଇଥିଲେ ବି ୪ ବର୍ଷରେ ଥରେ ନିଜ ଶିଶୁପୁତ୍ର ଜନ୍ମଦିନ ପଡ଼ିଲେ ମଧ ମନରେ କିଛି ନ ରଖି ବଡ଼ ଧୁମଧାମରେ ପାଳନ କରିବେ ବୋଲି କହିଛନ୍ତି। ଏପରିକି ନିଜ ପତ୍ନୀ ଏବଂ ନିଜ ନାମକୁ ମିଶାଇ ନବଜାତ ଶିଶୁପୁତ୍ରର ନାମକରଣ ରଖିବେ ବୋଲି ରସାନନ୍ଦ କହିଛନ୍ତି। ନବଜାତ ଶିଶୁପୁତ୍ର ଲିପ ଇୟର ପରି ଦିନରେ ଆସିବା ତାଙ୍କ ପାଇଁ ସୌଭାଗ୍ୟର କଥା ବୋଲି କହିବା ସହ ଖୁସିରେ ନିଜର ଭାବ ପ୍ରକାଶ କରି ପାରୁ ନ ଥିଲେ।

## ଗୁଡେରପାଲିରେ 'ଆମ ବ୍ୟାଙ୍କ' ସେବା ଆରମ୍ଭ

**ଗୁଡେରପାଲି,୨୯।୨(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଡେରପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆମ ବ୍ୟାଙ୍କ ସେବା ଉଦଘାଟନ ହୋଇଯାଇଛି। ସରପଞ୍ଚ ରାମଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବାବେଳେ, ଚାଷୀନେତା କିଶୋରଚନ୍ଦ୍ର ଦେବତା, ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ଗ୍ରାମିଣ ବିଭାଗ ଅଭୟ ପଧାନ, ପିଇଓ ଶିବପ୍ରସାଦ ସାହୁ, ଶୈଳବାଳା ଦେବତା, କିଶୋର ପାତ୍ର, ଜୟଲାଲ ସାହୁ, ଜଗଦିଶ ପାତ୍ର, ବିରାଟ ସାଗର ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।



## ଢାବାରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ଭେଡେନ, ୨୯।୨(ସମିସ):** ଭେଡେନସ୍ଥିତ ମା ସମଲେଶ୍ୱରୀ ଢ଼ାବାରେ ଗୁରୁବାର ସକାଳୁ କର୍ମଚାରୀ ଶ୍ରୀକାନ୍ତ ଭୁଏ (୨୦)ଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ମୃତ ଶ୍ରୀକାନ୍ତ ସୁବର୍ଣ୍ଣପୁର ଜିଲ୍ଲା ହୁଡୁମା ଗ୍ରାମର ହୋଇଥିବା ବେଳେ ସେ କୌଣସି କାରଣରୁ ଆତ୍ମହତ୍ୟା କରିଥିବା ସନ୍ଦେହ ହୋଇଛି। ଗୁରୁବାର ଭୋର ସକାଳୁ କର୍ମଚାରୀମାନେ ଏହା ଦେଖିଲା ପରେ ଢ଼ାବା ମାଲିକ ଭେଡେନ ଗ୍ରାମର ଦେବାନନ ବେହେରା ଓ ତାଙ୍କ ପୁଅ ଅନୁପ ବେହେରାଙ୍କୁ ଖବର ଦେଇଥିଲେ। ଢ଼ାବା ମାଲିକ ଘଟଣାସ୍ଥଳକୁ ଆସି ପୁଲିସ ଓ ଶ୍ରୀକାନ୍ତଙ୍କ ପରିବାରକୁ ଖବର ଦେଇଥିଲେ। ଶ୍ରୀକାନ୍ତଙ୍କ ପରିବାର ଲୋକେ ଆସିଲା ପରେ ପୁଲିସ ମୃତଦେହକୁ ଦିନ ୧୨ଟାରେ ଶବ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି। ଭେଡେନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସଠିକ ଭାବେ କହିହେବ ବୋଲି ଥାନାଧିକାରୀ ପ୍ରେମଜିତ ଦାଶ ପ୍ରକାଶ କରିଛନ୍ତି।

## ଜଙ୍ଗଲ ନିଆଁ ନିବାରଣ ସଚେତନତା

**ପାଇକମାଳ, ୨୯।୨ (ସମିସ):** କେଛୋଦାଦର ଗ୍ରାମରେ ପାଇକମାଳ ବନାଞ୍ଚଳ ତରଫରୁ ବନାଗ୍ନି ପ୍ରତିକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିବନ୍ଧୁ ବିଭୂତି ଭୂଷଣ ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେଛୋଦାଦର ଚିତ୍ତରଞ୍ଜନ ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରକୃତିବନ୍ଧୁ ମୀନକେତନ ସାହୁ, ସମ୍ମାନିତ ଅତିଥି ଭାବେ ସତ୍ୟମୟ ତ୍ରିପାଠୀ ଓ ନରୋତ୍ତମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଫରେଷ୍ଟ ଗାର୍ଡ ବସନ୍ତ ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ଫରେଷ୍ଟର ରଜନୀକାନ୍ତ ବଢେଇ ପରିଚାଳନା କରିଥିଲେ। ନାଟ୍ୟକାର ରାଜକୁମାର ସାହୁଙ୍କ ନିର୍ଦ୍ଦେଶିତ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କିତ ନାଟକ ସଚେତନ ହେମା ନାଟ୍ୟ ସଂସଦ ଢ଼ୋଲବନ୍ଧ ତରଫରୁ ପ୍ରଦର୍ଶିତ ହୋଇଥିଲା। ଫରେଷ୍ଟର ଗିରିରାଜ କୁମ୍ଭାର, ଫରେଷ୍ଟ ଗାର୍ଡ ସଂଗୀତା ଭଗତ, ସୌଦାମିନୀ ବରିହା, ଦୋଳଗୋବିନ୍ଦ ବରିହା, ବନ ସୁରକ୍ଷା ସମିତି ସଭ୍ୟ ସଭ୍ୟା, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ପାରା ଫରେଷ୍ଟ ସ୍କ୍ୱାଡ୍, ଏଲିଫ୍ୟାଣ୍ଟ ସ୍କ୍ୱାଡ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ାବିତ୍ ଶଶିଭୂଷଣ ମାଝୀଙ୍କ ପରଲୋକ

**ପଦ୍ମପୁର, ୨୯।୨ (ସମିସ):** ପଦ୍ମପୁର ଅଞ୍ଚଳର ବିଶିଷ୍ଟ କ୍ରୀଡ଼ାବିତ, ଶିକ୍ଷାବିତ ତଥା କୃଷି ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଶଶିଭୂଷଣ



ମାଝୀଙ୍କ ୯୨ ବର୍ଷ ବୟସରେ ଉପଖଣ୍ଡ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କର କର୍ମମୟ ଜୀବନରେ ଗଡଭାଟି, ମିଠାପାଲି, ଝିଟକି, ସୋହେଲା, ବରପାଲି ଆଗଲପୁର, ସର୍ଗିବାହାଲରେ କାର୍ଯ୍ୟ କରିଥିଲେ। ତାଙ୍କର ଫିରୂପାଲିସ୍ଥିତ କୁମୁଡି ନାଲାରେ ଶେଷକୃତ୍ୟ କରାଯାଇଥିଲା। ଏଥିରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କର ପଛରେ ୫ ପୁଅ ଗିରି, ଜୟନ୍ତ, ପ୍ରଶାନ୍ତ, ସୁଶାନ୍ତ, ଅନୁପ ଏବଂ ୨ ଝିଅ ରୀନା ଓ ମୀନାଙ୍କୁ ଛାଡିଯାଇଛନ୍ତି।

## ଆୟୁର୍ବେଦ ଚିକିତ୍ସାଳୟରେ ସମ୍ବର୍ଦ୍ଧନା ସଭା

**ପାଇକମାଳ, ୨୯।୨ (ସମିସ):** ପାଇକମାଳ ବ୍ଲକ ସରକାରୀ ଆୟୁର୍ବେଦ ଚିକିତ୍ସାଳୟରେ ଉପଅଧୀକ୍ଷକ ଡ଼ା ଶରତ ବେହେରାଙ୍କ ସଭାପତିତ୍ୱରେ ୱାର୍ଡ ପରିଚାଳକ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ ଡ଼ା ଶ୍ରୀକାନ୍ତ ରାଉତ, ଡ଼ା ମୁରଲୀଧର ବାଗ,ପରାଶର ପାଣିଗ୍ରାହୀ ଉଦବୋଧନ ଦେଇଥିଲେ। ଡ଼ା ନିରୂପମା ନାୟକ, ଡ଼ା ସ୍ୱାଗତିକା ପ୍ରଧାନ, ସୈକିଲାଲ ସେଠ, ଦୁଃର୍ଯୋଧନ ସେଠ, ସେବିକାଧିକାର ପ୍ରଫୁଲ୍ଲ ତିର୍କି, ସୁରଜ ପଣ୍ଡା, ମୁକେଶ, ସୁନୀଲ, ସଞ୍ଜୟ, ବିକାଶ, ମନବୋଧ ପ୍ରଧାନ ଉପସ୍ଥିତ ଥିଲେ। ଡ଼ା ଲେବିୟା ସାଗର ସଭା ପରିଚାଳନା କରିଥିବା ବେଳେ ଡ଼ା ଶ୍ରୀକାନ୍ତ ନାଗ ଧନ୍ୟବାଦ ଦେଇଥିଲେ।

## ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିକଲେ ଗ୍ରାମ୍ୟ ସାଧନକର୍ମୀ

**ବରଗଡ଼, ୨୯।୨(ସମିସ):** ୨୦୧୭ରୁ କାର୍ଯ୍ୟରତ ଗ୍ରାମ୍ୟ ସାଧନ କର୍ମୀ (ଭିଆରପି)ମାନେ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ବରଗଡ଼ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମନରେଗାଠାରୁ ଆରମ୍ଭ କରି ଏନଏସଏପି, ଏନଏଫଏସଏ, ଆଇସିଡ଼ିଏସ, ମମତା, ଆଇଏସସିଏଫସି, ପିଏମଏୱାଇଜି ଆଦି ବିଭିନ୍ନ ଯୋଜନାଗୁଡ଼କରେ ସେମାନେ କାର୍ଯ୍ୟ କରି ଏହାର ସଫଳ ରୂପାୟନ କରି ଆସୁଛନ୍ତି। ଦିନ ରାତି କାର୍ଯ୍ୟ କରି ଆସୁଥିଲେ ମଧ ସେମାନଙ୍କୁ ଠିକ ଭାବରେ ପାରିଶ୍ରମିକ ମିଳି ପାରୁନାହିଁ। ଆସନ୍ତା ୪ ତାରିଖରେ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ ହେବୁ ବୋଲି ଗ୍ରାମ୍ୟ ସାଧନ କର୍ମୀମାନେ ଚେତାବନୀ ଦେଇଛନ୍ତି। ଏ ଅବସରରେ ଦେବକୀ ବାଗ, ମୋହିନୀ ସୁନା, ନିଳାଦ୍ରୀ ପ୍ରଧାନ, ରଶ୍ମି କୁମ୍ଭାର, ପୁଷ୍ପଲତା ସାହୁ, ଜହ୍ନ ରୋହିଦାସ, ଅରୁ ଡ଼ନସେନାଙ୍କ ସମେତ ବହୁ ସଦସ୍ୟା ଉପସ୍ଥିତ ଥିଲେ।



## ଜିଲ୍ଲାସ୍ତରୀୟ ବିଜୁ କନ୍ୟାରତ୍ନ ମେଳା

**ପାଇକମାଳ, ୨୯।୨ (ସମିସ):** କସ୍ତୁରବା ଗାନ୍ଧୀ ମାତୃନିକେତନରେ ଜିଲ୍ଲାସ୍ତରୀୟ ବିଜୁ କନ୍ୟାରତ୍ନ ମେଳା ଗୁରୁବାର ଉଦଯାପିତ ହୋଇଯାଇଛି। ଜିଲ୍ଲା ଶିଶୁ ମଙ୍ଗଳ ସମିତିର ରାଧା ଅଗ୍ରୱାଲ ମୁଖ୍ୟଅତିଥି ଏବଂ ମମତା ମେହେର, ତରୁଣ ପୃଷେଠ, ଅନୁଷ୍ଠାନର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ, ଭାରତୀ ପଟ୍ଟନାୟକ, ନିରୂପମା ମହାପାତ୍ର, ସୁପ୍ରଭା ଦାଶ, ଅନିତ ଛତର, ତପନ ପାତ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ୯ଟି ବ୍ଲକରୁ ଅଭିଭାବକ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଂଜୀବ ଦାଶ, ଦୁର୍ଯୋଧନ ତ୍ରିପାଠୀ, ସୁରବୀ ବାରିକ, ନୀଳିମା ଗିରି, ସୁଚରିତ ପଣ୍ଡା, ଯଶୋବନ୍ତୀ ଭୋଇ, ଶୁଭଙ୍କର ପୁରୋହିତ, ଅଙ୍କିତା ପଣ୍ଡା, ରାଗିନୀ ମିଶ୍ର, ଲୀନା ପାଣ୍ଡେ, ଅନୁଶ୍ରୀ ଶର୍ମା, ରଞ୍ଜିତା ସାହୁ, ଭାଗ୍ୟଶ୍ରୀ ଧ୍ରୁବଳ, ତିଳକରାମ ମାଝି, ସୁକାନ୍ତି ପଟେଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ନିର୍ମଳ ଗିରି ଧନ୍ୟବାଦ ଜ୍ଞାପନ କରିଥିଲେ।



# ସାଂସଦଙ୍କ ପ୍ରତିଶ୍ରୁତି ଗଲା କୁଆଡ଼େ ?

**ବରଗଡ଼, ୨୯।୨ (ସମିସ):** ପାଞ୍ଚବର୍ଷର କାର୍ଯ୍ୟକାଳ ସରିବା ଉପରେ, ହେଲେ ବରଗଡ଼ ସାଂସଦ ସୁରେଶ ପୂଜାରୀ ଏଠାକାର ଲୋକଙ୍କ ପାଇଁ ରେଳସେବା ପ୍ରତିନିଧିତ୍ୱ କରୁଥିବା ଟାଣୁଆ ତଥା ସ୍ୱଚ୍ଛ ନେତା ବୋଲାଉଥିବା ସୁରେଶ ପୂଜାରୀ ମଧ ଆଜି ଯାଏ ଏ ଦିଗରେ ସକ୍ରିୟ ପଦକ୍ଷେପ ନେଇ ନଥିବା ଅଭିଯୋଗ

### ଗଡ଼ିଲାନି ବରଗଡ଼ରୁ ଭୁବନେଶ୍ୱର ସକାଳୁଆ ଟ୍ରେନ

### ପଦ୍ମପୁର ଉପନିର୍ବାଚନର ପ୍ରତିଶ୍ରୁତି ବି ପାଣିର ଗାର



କ୍ଷେତ୍ରରେ ଦେଇଥିବା ପ୍ରତିଶ୍ରୁତି ମଧ୍ୟରେ ଗୋଟିଏ ବି ସୁବିଧା କରି ପାରିଲେ ନାହିଁ। ଏହି ପ୍ରସଂଗରେ ବରଗଡ଼ ଜିଲ୍ଲାରେ ଆନୁଷ୍ଠାନିକ ଭାବେ ଅସନ୍ତୋଷ ପ୍ରକାଶ ପାଇଛି। ତଥାପି ସାଂସଦ ଏଥିପ୍ରତି ସଚେତନ ନଥିବା ଅଭିଯୋଗ ହେଉଛି।

ଏହି ଅଞ୍ଚଳର ଲୋକଙ୍କ ସବୁଠାରୁ ବଡ଼ ଦାବି, ସକାଳୁ ଭୁବନେଶ୍ୱରକୁ ଗୋଟିଏ ଟ୍ରେନ୍ ଚାଲୁ। ଏହାସହ ଦିଲ୍ଲୀ ଯିବାପାଇଁ ଏକ ଟ୍ରେନ ଚଳାଚଳ ପାଇଁ ବହୁ ସମୟରୁ ଦାବି ରହିଆସିଛି। ରେଳ ବିଭାଗ ଏହା ଉପରେ ଯତ୍ନଶୀଳ ନଥିବା ବେଳେ ବରଗଡ଼ ଜିଲ୍ଲାକୁ ନାହିଁ। ଏହା ଉପରେ ମଧ ସାଂସଦଙ୍କ କିଛି ସ୍ପଷ୍ଟୀକରଣ ମଧ ନାହିଁ।

ବଜେଟରେ ଉକ୍ତ ରେଳଲାଇନ ପାଇଁ କିଛି ପ୍ରାବଧାନ ନ ରଖିବା ଏକ ଚିନ୍ତାର ବିଷୟ। ସାଂସଦ ଏସବୁ ବିଷୟ ପ୍ରତି ଉଦାସୀନ ରହିବା ଅର୍ଥ ଲୋକଙ୍କ ତାଙ୍କ ପ୍ରତି ଗତ ନିର୍ବାଚନରେ ଅନେକ ଆସ୍ଥା ଓ ବିଶ୍ୱାସ ରଖି ବିପୁଳ ବିଜୟୀ କରିଥିବା ପ୍ରତି କୁଠାରାଘାତ ସଦୃଶ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ବିଗତ ପଦ୍ମପୁର ଉପନିର୍ବାଚନ ରେ ଦେଇଥିବା ପ୍ରତିଶ୍ରୁତି ବି ପାଣି ର ଗାର ହୋଇ ଯାଉଥିବା ମଧ ବହୁ ଲୋକ ଚର୍ଚ୍ଚା କରିବା ଆରମ୍ଭ କଲେଣି।

ହୋଇଛି।

ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର ଦାବିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ପ୍ରୟାସ ଆରମ୍ଭ କରିଛି, କିନ୍ତୁ ଏହାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ, ଏଥର ବଜେଟରେ ଓଡ଼ିଶା ପାଇଁ ଅନେକ ନୂତନ ରେଳପଥ ନିମନ୍ତେ ଅର୍ଥ ବରାଦ କରାଯାଇଛି। ବହୁ ପ୍ରତୀକ୍ଷିତ ତଥା ରେଳମନ୍ତ୍ରୀଙ୍କ ବାରମ୍ବାର ଘୋଷଣା ସତ୍ତ୍ୱେ ବରଗଡ଼-ନୂଆପଡ଼ା ଭାୟା ପଦମପୁର ରେଳପଥ ଉକ୍ତ ଲିଷ୍ଟରେ

## ଜିଲ୍ଲା ଶିକ୍ଷାଧିକାରୀଙ୍କ ଅବସର ଗ୍ରହଣ

**ବରଗଡ଼, ୨୯।୨(ସମିସ):** ବରଗଡ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ତାଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀବୃନ୍ଦଙ୍କ ସମେତ ଜିଲ୍ଲା ଶିକ୍ଷା ବିଭାଗର ସମସ୍ତ କର୍ମଚାରୀବୃନ୍ଦ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉପଢ଼ୌକନ ପ୍ରଦାନ କରିଥିଲେ। ଶ୍ରୀ କଛପ ମଧ ଭାବବିହ୍ୱଳ ହୋଇ ବରଗଡ଼ ଜିଲ୍ଲାରେ ସମସ୍ତଙ୍କଠାରୁ ମିଳିଥିବା ସ୍ନେହଶ୍ରଦ୍ଧା ଜୀବନରେ ଅପାସୋରା ହୋଇ ରହିବ ବୋଲି ଉଲ୍ଲେଖ କରି ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।

## ସିଆର୍‌ସିସି ଡୋଲାମଣି ମାହାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ପାଇକମାଳ, ୨୯।୨ (ସମିସ):** ପାଇକମାଳ ବ୍ଲକ ମାଣ୍ଡିଆଡିପା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡୋଲାମଣି ମାହାରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅମଠି ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନନ୍ଦଲାଲ ନାୟକ ଯୋଗ ଦେଇଥିଲେ। ପାଇକମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଦାୟୀ ଶିକ୍ଷକ ଡୋଲାମଣି ମାହାରଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁଧିଷ୍ଠିର ଭୋଇ, ପ୍ରତିମା ଭୋଇ, ବୈଷ୍ଣବ ପଣ୍ଡା, ଚକ୍ରଧର ଅଜଗର, କେଦାରନାଥ ରାଉତ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ ବ୍ଲକ୍‌ସ୍ତରୀୟ ସମ୍ବର୍ଦ୍ଧନା ସଭା

**ବରଗଡ଼, ୨୯।୨(ସମିସ):** ବରଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସଭା ଆୟୋଜିତ କରାଯାଇଥିଲା। ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ସ୍ୱତନ୍ତ୍ର ଅତିଥି ଭାବରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା ଓ ଜର୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାସ୍ୱତୀ ଦାଶ ଯୋଗ ଦେଇଥିଲେ। ବରଗଡ଼ ବ୍ଲକର ଶ୍ରେଷ୍ଠ କମିଟି ଓ ଆଲୁମିନୀ ଭାବରେ ତାଳଶ୍ରୀଗିଡ଼ା ଉଚ୍ଚ ବିଦ୍ୟାଳୟ, ଶ୍ରେଷ୍ଠ ଉଚ୍ଚ ବିଦ୍ୟାଳୟ ଭାବରେ ତାଳଶ୍ରୀଗିଡ଼ା ଉଚ୍ଚ ବିଦ୍ୟାଳୟ, ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ, କଳାପାଣି ଓ ନବଜ୍ୟୋତି ଉଚ୍ଚ ବିଦ୍ୟାଳୟ, ଚକରକେନ୍ଦ ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ଭାବରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଶକ୍ତିନଗର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆମ୍ବଷଡ଼ା,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମଗାଁ, ବ୍ଲକର ଶ୍ରେଷ୍ଠ ପ୍ରାଥମିକ ଶିକ୍ଷୟିତ୍ରୀ ଭାବରେ ପାର୍ବତୀ ଦାଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚକରକେନ୍ଦ ଏବଂ ଶ୍ରେଷ୍ଠ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାବରେ ଭୁବନେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ନମିତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

## ଗୋବିନ୍ଦପୁରରେ 'ଆମ ବ୍ୟାଙ୍କ' ଉଦ୍‌ଘାଟିତ

**ବରଗଡ଼,୨୯।୨(ସମିସ):** ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ 'ଆମ ବ୍ୟାଙ୍କ' ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସହକାରୀ ଯନ୍ତ୍ରୀ ସନ୍ତୋଷ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଳାମଣି ପଧାନ, ପଞ୍ଚାୟତର ସମିତିସଭ୍ୟ ଜ୍ଞାନଚନ୍ଦ୍ର ବିଶ୍ୱାଳ, ଜିଆଏସ କିରଣ ପ୍ରଧାନ, ମହାସଂଘର ସଭାନେତ୍ରୀ ଝରଣା ଦାସ, ନାଏବ ସରପଞ୍ଚ ଲୋକେଶ୍ୱରୀ ସାହୁ, ପୂର୍ବତନ ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନ, ଗୋଷ୍ଠୀ ସହାୟିକା ସୁବାସିନୀ ତାଣ୍ଡି, ଶଶିରେଖା ବାରିକ, କୌଶଲ୍ୟା ସାହୁ, ପୁଷ୍ପାଞ୍ଜଳି ବନଛୋର, ୱାର୍ଡସଭ୍ୟ ଚନ୍ଦ୍ରଭାନୁ ହିଆଲ, ଚିନ୍ତାମଣି ବାରିକ, ୱାର୍ଡସଭ୍ୟା ସନ୍ତୋଷିନୀ କୁଅଁର, କସ୍ତୁରୀ ଭୁଏ, ପଞ୍ଚାୟତର ଅଶୋକ ସାହୁ, ମନୋଜ ପୁରୋହିତ, ଅରୁଣ ବିଶି, ବିଜୟ ଷଣ୍ଢ, ତ୍ରିନାଥ ତାଣ୍ଡି, ପ୍ରତାପ ନାଏକ, ପୁରନ୍ଦର ଭୋସଗାରଙ୍କ ସମେତ ଏସଏଚଜି ଗ୍ରୁପର ସଦସ୍ୟାମାନେ ଉପସ୍ଥିତ ଥିଲେ।



## ଉନ୍ନତ ଶିକ୍ଷା ପାଇଁ ସିଙ୍ଗାପୁର ଯିବେ ଦ୍ୱାଦଶ ପ୍ରଧାନ

**ପଦ୍ମପୁର, ୨୯।୨ (ସମିସ):** ପାଇକମାଳ ସରକାରୀ ଉଚ୍ଚବିଦ୍ୟାଳୟ ସର୍ବଶ୍ରେଷ୍ଠ ବିଦ୍ୟାଳୟ ରୂପେ ଚୟନ ହୋଇଛି। ଓଡିଶା ସରକାରଙ୍କ 'ମୋ ସ୍କୁଲ' ଅଭିଯାନ ବିଭାଗ ତରଫରୁ ଶ୍ରୀ ପଧାନ ଶୈକ୍ଷିକ ଅଭିବୃଦ୍ଧି, ବୈଷୟିକ ଜ୍ଞାନ ତଥା ଧନ୍ଦାମୂଳକ ଶିକ୍ଷା ଉପରେ ଅଧିକ ଜ୍ଞାନ ଆହରଣ ନିମିତ୍ତ ସିଙ୍ଗାପୁର



ଗସ୍ତ ପାଇଁ ମନୋନୀତ ହୋଇଛନ୍ତି। ଏଥିପାଇଁ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ବିଦ୍ୟାଳୟର ସମସ୍ତ ଆଲୁମିନୀ, ପରିଚାଳନା କମିଟି, ସହକାରୀ କର୍ମଚାରୀ, ଅଭିଭାବକ, ଛାତ୍ରଛାତ୍ରୀ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି।

## ପଞ୍ଚାୟତ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ୱେବିନାର

**ବରଗଡ,୨୯।୨(ସମିସ):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଏକ ଆନ୍ତର୍ଜାତୀୟ ୱେବିନାର ଅନୁଷ୍ଠିତ ହୋଇଥିବା ବେଳେ ଅଧ୍ୟକ୍ଷ ପତିତପାବନ ସାହୁ ଏହାକୁ ଉଦଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ଲିସ୍ବା ନନ୍ଦ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଡ. ବିନୟ ସାହୁ ଗବେଷକ ଡ. ପୂଜା ସାହୁ ଓ ଡ. ନୀଳକଣ୍ଠ ମେହେରଙ୍କ ବିଷୟରେ ସମ୍ୟକ୍ ସୂଚନା ଦେଇଥିଲେ। ଏହି ୱେବିନାରରେ ଏକ କୁଇଜ୍ ପ୍ରତିଯୋଗିତା ଅନିରୁଦ୍ଧ ରୋହିଦାସ, ପଙ୍କଜିନୀ ରାୟ ଏବଂ ରିତା ପାଣ୍ଡେଙ୍କ ତତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଡ. କିଶୋର ନାୟକଙ୍କ ତତ୍ତ୍ୱାବଧାନରେ ପଦାର୍ଥ ବିଜ୍ଞାନର ପୂର୍ବତନ ଛାତ୍ରଛାତ୍ରୀ ତଥା ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ବିନୋଦଚନ୍ଦ୍ର ସାହୁ ଅଂଶଗ୍ରହଣ କରିଥିଲେ। ଅଧାପିକା ସୁଚିସ୍ମିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରେମଣ୍ଡା ଉଚ୍ଚ ବିଦ୍ୟାଳୟ ଛାତ୍ରାବାସ ପାଇଁ ଶିଳାନ୍ୟାସ

**ଥୁଆପାଲି, ୨୯।୨(ସମିସ):** ରେମଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ କୋଟି ଟଙ୍କା ଅନୁଦାନ ଖର୍ଚ୍ଚରେ ହେବାକୁ ଥିବା ଅନୁସୂଚିତ ଜାତିର ଛାତ୍ରାବାସ ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଆଭାସି ମାଧ୍ୟମରେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର ଶିଳାନ୍ୟାସ କରିଥିଲେ। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବରଗଡ଼ ଡିଡବ୍ଲ୍ୟୁଓ ମୃତ୍ୟୁଞ୍ଜୟ ବଡପଣ୍ଡା, ଭେଡେନ ବିଡିଓ ତ୍ରିପୁରା ମହାନନ୍ଦ ଓ ଏବିଡିଓ ପ୍ରିତେଶ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ ସମେତ ଶିକ୍ଷାବିତ ଡ. ମନୋରଞ୍ଜନ ମେହେର ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରେମଣ୍ଡା ୫-ଟି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯଶୋବନ୍ତ ମେହେର ସମେତ ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ସମେତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



# ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**ବରଗଡ଼, ୨୯।୨(ସମିସ)**

ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ବିଜ୍ଞାନର ଚାରୋଟି ବିଭାଗ ଯଥା ପଦାର୍ଥ, ରସାୟନ, ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦଧିବାମନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଚାରି ବିଭାଗର ଅଧାପକ ବିଶ୍ୱଜିତ ସାହୁ, ବଳିଷ୍ଠ ସାହୁ, ଅଧାପିକା ବବିତା ଷଡ଼ଙ୍ଗୀ ଓ ମୌସୁମୀ ଲିଜା ନାୟକ ପ୍ରାକ୍ ଅଭିଭାଷଣ ଯଥାକ୍ରମେ ରଖିଥିଲେ। ଡ. ପୁଷ୍ପାଞ୍ଜଳି ପ୍ରଧାନ ଅତିଥି ପରିଚୟ ଦେଇଥିବା ବେଳେ ଅଧାପକ ବିଶ୍ୱଜିତ ସାହୁ ଭିତ୍ତିପ୍ରବନ୍ଧ 'ବେଦାନ୍ତ ଦର୍ଶନ ଓ ଆଧୁନିକ ପଦାର୍ଥ ବିଜ୍ଞାନ' ଉପସ୍ଥାପନ ଓ ଆଲୋଚନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡ ରାଜୀବ ପାଢ଼ୀ ଆଲୋଚକ ଭାବରେ ଯୋଗ ଦେଇଥିଲେ। ରସାୟନ ବିଜ୍ଞାନରେ ଯୋଗ ଦେଇଥିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ ପ୍ରଭାତ ସାହୁ। ଉଦ୍ଭିଦ ବିଜ୍ଞାନର ଆଲୋଚନାର ପ୍ରସଙ୍ଗ ଥିଲା 'ସାମ୍ପ୍ରତିକ ଦୈନନ୍ଦିନ ଜୀବନରେ ତାଳର ବ୍ୟବହାର ଓ ଉପଯୋଗିତା'। ଏ ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଲାଇଫ ସାଇନ୍ସ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ ବିନତା ନାୟକ ଅତିଥିଭାବରେ ଯୋଗ ଦେଇଥିଲେ। ସେହିପରି ପ୍ରାଣୀ ବିଜ୍ଞାନ ବିଭାଗରେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଡ ଦିଲ୍ଲୀପ ପଣ୍ଡା ଯୋଗ ଦେଇଥିଲେ। ବରଗଡ଼ କେସନର ପ୍ରବଣ ଅଞ୍ଚଳ ହୋଇଥିବାରୁ ଜୀବ ବିଜ୍ଞାନ ବିଭାଗ ଅର୍ଗାନିକ ଚାଷ ଉପରେ ସ୍ୱତନ୍ତ୍ର ଆଲୋଚନା କରିଥିଲେ।। ଅଧାପିକା ମୌସୁମୀ ଲିଜା ନାୟକ ପରିଚାଳନା କରିଥିଲେ ଓ ଅଧାପକ ତୁଷାରକାନ୍ତି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧାପିକା ରଞ୍ଜିତା ନାୟକ, ଅନୁପମା ଚାନ୍ଦ, ରେଖା ନାୟକ, ଗୀତା ଷଡ଼ଙ୍ଗୀ, ଅର୍ପିତା ପଣ୍ଡା, ଡ. ସଂଘମିତ୍ରା ମିଶ୍ର, ଅଧାପକ ସତ୍ୟନାରାୟଣ ନନ୍ଦ ଯୋଗ ଦେଇଥିଲେ।

## ସୁନା ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା: ୨ ଗିରଫ

# ଭଡ଼ାଘରେ ରହି ଲୁଟ୍ ଯୋଜନା କରୁଥିଲା ମୁଖ୍ୟ ଅଭିଯୁକ୍ତ

ସମ୍ବଲପୁର, ୨୯ା୨(ସମିସ)

ଧନୁପାଲି ଥାନା ଗୋବିନ୍ଦତୋଳାର ପାୟଲ ସୁନା ଅଳଙ୍କାର ଦୋକାନରେ ଡକାୟତି କରି ବ୍ୟବସାୟୀ ସୁଜିତ ସର୍ଣ୍ଣକାରଙ୍କୁ ଗୁଳିମାରି ଫେରାର ହେବା ଘଟଣାରେ ପୁଲିସକୁ ସଫଳତା ମିଳିଛି। ରାଜ୍ୟ ବାହାର ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ୬ଜଣ ଫେରାର ଅଛନ୍ତି। ବନ୍ଧୁକ, ଟଙ୍କା, ବ୍ୟବହୃତ ଗାଡି, ବେନଟେକସ ଅଳଙ୍କାର ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ବିହାର ସମସ୍ତିପୁରର ସଞ୍ଜୟ ସାହା ଅଛନ୍ତି। ସେ ସମ୍ବଲପୁରରେ ଘର ଭଡ଼ା ନେଇ ରହି ଡକାୟତି କରିବାକୁ ରାକି କରୁଥିଲେ। ପରେ ଦୋକାନ, କିମ୍ବା ଟାର୍ଗେଟ ପୂରା ହେଲେ ବିହାରରୁ ସହଯୋଗୀଙ୍କୁ ଡାକି ଡକାୟତି କରୁଥିଲେ ବୋଲି ଖବରଦାତା ସମ୍ମିଳନୀରେ ଏସପି ମୁକେଶ କୁମାର ଭାମୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଗତ ୧୬ ତାରିଖରେ ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଗୋବିନ୍ଦତୋଳା ଅଞ୍ଚଳରେ ଥିବା ପାୟଲ ଗହଣା ଦୋକାନରୁ ଦିନ ଦ୍ୱିପ୍ରହରରେ





ବନ୍ଧୁକ ମୁନରେ ଡକାୟତି ଉଦ୍ୟମ ବିଫଳ ହେବାରୁ ବ୍ୟବସାୟୀଙ୍କୁ ଗୁଳି ମାଡ଼ କରିଥିଲେ। ଘଟଣାର ମାଷ୍ଟର ମାଇଣ୍ଡ ସଞ୍ଜୟଙ୍କ ସହ ବଲାଙ୍ଗୀର ଜିଲ୍ଲାର ଟିକେଶ୍ୱର ସାହୁ ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ୩ଟି ଦେଶୀ ବନ୍ଧୁକ, ୭ଟି ଅଫୁଟା ଗୁଳି, ୨ଟି ବାଇକ ଓ ନଗଦ ଟଙ୍କା ଜବତ ହୋଇଛଇ। ଘଟଣାର ଗିରଫ ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟର ମାଇଣ୍ଡ ଜଣକ ହେଲେ ସଞ୍ଜୟ ସାହା। ଅନ୍ୟ ଅଭିଯୁକ୍ତ ଟିକେଶ୍ୱରଙ୍କ ଘର ବଲାଙ୍ଗୀର ହୋଇଥିବା ବେଳେ ସେ ସମ୍ବଲପୁରରେ ଭଡ଼ା ଘରେ ରହି ଆସୁଥିଲେ। ପୂର୍ବରୁ ଟିକେଶ୍ୱର ନାଁରେ ଡକାୟତି ଓ ଚୋରି ମାମଲା ରହିଛି। ଏହି ଡକାୟତି ଗ୍ୟାଙ୍ଗରେ ୮ ଜଣ ସାମିଲ ଥିବାବେଳେ ଅନ୍ୟ ୬ ଜଣ ବିହାର ରାଜ୍ୟର ଅଟନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଛି। ଏହି ଗ୍ୟାଙ୍ଗ ନାଁରେ ସମ୍ବଲପୁର ଜିଲ୍ଲାରେ ୫ଟି ବରଗଡ଼ ଜିଲ୍ଲାରେ ୩ଟି ମାମଲା ରହିଛି। ସଦର ଥାନା ମାନେଶ୍ୱର ମାନଧାତା ବାବା ଜ୍ୱେଲେରୀ, ବରେଇପାଲିର ରାମଲାଲ ଝୁନଝୁନବାଲାଙ୍କ ବନ୍ଧୁକ ଓ ଛୁରୀ ଦେଖାଇ ଲୁଟ କରିଥିଲେ। ଶାସନଥାନାରେ ରାଧିକା ପେଟ୍ରୋଲ ପମ୍ପରେ ମଧ୍ୟ ୧ ଲକ୍ଷ ୧୦ ହଜାର ଟଙ୍କା ବନ୍ଧୁକ ମୁନରେ ଡକାୟତି କରି ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖରେ ଏହି ଡ଼କାୟତ ଗ୍ୟାଙ୍ଗ ସମ୍ବଲପୁର ଗୋବିନ୍ଦତୋଳାର ପାୟଲ ଜ୍ୱେଲେରୀର ମାଲିକ ସୁଜିତ ସ୍ୱର୍ଣ୍ଣକାରଙ୍କୁ ଗୁଳି କରିଥିଲେ। ଏଥିରେ ସୁଜିତଙ୍କ ପେଟରେ ଗୁଳି ବାଜିଥିବା ବେଳେ ସେ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ପାନୀୟଜଳ ଯୋଗାଣ ପ୍ରକଳ୍ପର

# ଶୁଭ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**କୁଚିଣ୍ଡା, ୨୯ା୨(ସମିସ):** କୁଚିଣ୍ଡା ଏନ୍ଏସି ସମ୍ମୁଖ ପରିସରରେ ୫-ଟି ଆଧାରରେ ସହରାଞ୍ଚଳ ରୂପାନ୍ତରଣ ଯୋଜନାକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦଘାଟନ କରିଥିଲେ। କୁଚିଣ୍ଡା ଏନଏସିରେ ଜାଗା ମିଶନ, ଡ୍ରିଙ୍କ ଫମ ଟ୍ୟାପ ଓ ମୁକ୍ତା ଯୋଜନା ମାଧ୍ୟମରେ ରାଜ୍ୟ ସରକାର କ'ଣ କ'ଣ କରିଛନ୍ତି ଏବଂ ସହର ମଧ୍ୟରେ ଫେବର ରୋଡ଼, ପ୍ରତି ଘରକୁ ବିଶୁଦ୍ଧ ଜଳ ଯୋଗାଣ ଏବଂ



ଜାଗା ମିଶନରେ ବସ୍ତି ବାସିନ୍ଦାଙ୍କୁ ଜାଗା ପରିଚୟ ପ୍ରଦାନ ସହ କୁଚିଣ୍ଡା ସହରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳର ଘୋର ଅସୁବିଧାକୁ ଦୂର କରି ୨୧.୮୭ କୋଟି ବ୍ୟୟରେ ଏନଏସି କାର୍ଯ୍ୟାଳୟ ୱାର୍ଡ ନଂ ୨ ଠାରେ, ୱାର୍ଡ ନଂ ୭ ପାଇଁ ବିର୍ସା ମୁଣ୍ଡା ଛକ ପାଖରେ, ସଇଡା ମେଗା ଲିପଟ ଠାରେ, ୱାର୍ଡ ନଂ ୯ ତେଲି କୁଣ୍ଡାପୋଷି ଠାରେ, ମନ୍ତ୍ରୀମୁଣ୍ଡା ପମ୍ପ ହାଉସ ଠାରେ ଏପରି ୫ଟି ସ୍ଥାନରେ ୫ ଗୋଟି ଓଭର ହେଡ଼ ଟାଙ୍କି ବସାଇବା ସହ ୨୦.୯୮ କିମି ନୂତନ ପାଇପ ଲାଇନ ବିଛାଇ ନୂତନ ଭାବେ ୪୪୦୬ ନୂତନ ଜଳ ସଂଯୋଗ ହୋଇଛି। ଏହା ଯୋଜନା ହେବାଦ୍ୱାରା ସର୍ବମୋଟ ୧୯୮୩୨ଜଣ ହିତାଧିକାରୀ ଉପକୃତ ହେବେ। ଏହି ଯୋଜନା ଗୁଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦଘାଟନ କରିଥିଲେ ମଧ୍ୟ କୁଚିଣ୍ଡା ଏନଏସି କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ଏନ୍ଏସି ଚେୟାରମ୍ୟାନ ପ୍ରଦ୍ୟୁତ କୁମାର ମହାନ୍ତି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର, ଏନଏସି ଅଧିକାରୀ ଗୌରବ ପ୍ରଧାନ, ଜନସ୍ୱାସ୍ଥ୍ୟ ବିଭାଗ କୁଚିଣ୍ଡା ସହକାରୀ ଯନ୍ତ୍ରୀ ନୀଳମାଧବ ନାଗ, ସ୍ୱଚ୍ଛ ସାଥି, ଜଳ ସାଥି, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସମୁହ ଯୋଗଦେଇଥିଲେ ଅନ୍ୟ ମାନଙ୍କର ମଧ୍ୟରେ ଏନଏସି କର୍ମଚାରୀ ହିମାଂଶୁ ମହାନନ୍ଦ, ସତୀନ ସାହୁ, କନିଷ୍ଠ ଯନ୍ତ୍ରୀ ବରୁଣ ସା, ସୁଶାନ୍ତ ଗଜେନ୍ଦ୍ର ସିଂ, ଜନ ସ୍ୱାସ୍ଥ୍ୟ ବିଭାଗ ର ଠିକାଦାର ମାନସ ଖୁଣ୍ଟିଆ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସମ୍ବଲପୁରକୁ ଆସିଲା ପୁଣି ୬ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ

**ସମ୍ବଲପୁର, ୨୯ା୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ଲୋକାର୍ପଣ କରିବା ପରେ ସମ୍ବଲପୁର ଜିଲ୍ଲାକୁ ପ୍ରଥମ



ପର୍ଯ୍ୟାୟରେ ୩ ଗୋଟି ଆସିଥିଲା। କିଛିଦିନ ପରେ ଆଜି ପୁଣି ୬ ଗୋଟି ଆମ୍ବୁଲାନ୍ସ ଆସିଛି। ସମ୍ବଲପୁର ଜିଲ୍ଲାକୁ ୩ ଗୋଟି ଗାଡି ଯଥା ରେଙ୍ଗାଲି, ରେଢ଼ାଖୋଲ ଏବଂ କୁଚିଣ୍ଡା ବ୍ଲକକୁ ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିସା ଅଧିକାରୀ ଡା.ପର୍ଶୁରାମ ପଣ୍ଡାଙ୍କ ଆମ୍ବୁଲାନ୍ସ ଗୁଡିକ ବିଭିନ୍ନ ବ୍ଲକକୁ ପଠାଇ ଦେଇଛନ୍ତି। ମାନେଶ୍ୱର, ଧନକଉଡ଼ା, ଯୁଯୋମୁରା, ଜମନକିରା, ନାକଟିଦେଉଳ ଓ ବାମରା ବ୍ଲକ ସେବା ଯୋଗାଇ ଦେବ। ଏହା ପୂର୍ବରୁ ରେଙ୍ଗାଲି, କୁଚିଣ୍ଡା ଓ ରେଢ଼ାଖୋଲ ବ୍ଲକକୁ ୩ ଟି ଭ୍ରାମ୍ୟମାଣ ପ୍ରଣିଚିକିତ୍ସ୍ୟ ଆମ୍ବୁଲାନ୍ସ ସେବା ଦେଇଆସୁଛି। ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଅଧୀନରେ ଏହି ଯୋଜନା ମାଧ୍ୟମରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଯାନଗୁଡ଼ିକ ଦ୍ୱାରା ମୁହଁରେ ପ୍ରାଣୀ ଚିକିତ୍ସା ସେବା ପହଞ୍ଚାଇବ ନେଇ ଏହି ଯୋଜନା ଆରମ୍ଭ କରିଛନ୍ତି। ପୂର୍ବରୁ ମୋବାଇଲ ଭେଟେରିନାରୀ ୟୁନିଟ କାମ କରୁଥିଲା। ରାଜ୍ୟ ସରକାର ନିଜସ୍ୱ ଗାଡ଼ି ବ୍ୟବସ୍ଥା କରିଛନ୍ତି। ଏହି ମୋବାଇଲ ଭେଟେରିନାରୀ ୟୁନିଟ ଗୁଡିକ ଉନ୍ନତମାନର ପ୍ରାଣୀ ଚିକିତ୍ସା ପ୍ରଦାନ କରିବେ। ଏହା ସହିତ ୟୁନିଟରେ ଥିବା ବିଶେଷଜ୍ଞମାନେ ଚାଷୀମାନଙ୍କୁ ଏ ସମ୍ପର୍କିତ ପରାମର୍ଶ ଦେବେ। ପ୍ରାଥମିକ ପ୍ରାଣୀ ଚିକିତ୍ସା, ଜଟିଳ ଅସ୍ତ୍ରୋପ୍ରଚାର, ଟୀକାକରଣ, ନିଦାନ ସେବା ସମେତ ଚାଷୀ ସଚେତନତା ଶିବିର ଆୟୋଜନ କରାଯିବ। ମୋବାଇଲ ଭେଟେରିନାରୀ ୟୁନିଟ ଗୁଡିକ ଖୋଲାରେ ବୁଲୁଥିବା ପଶୁଙ୍କୁ ମଧ୍ୟ ଜରୁରୀକାଳୀନ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଯୋଗେଇବେ। ମୋବାଇଲ ଭେଟେରିନାରୀ ୟୁନିଟ ଗୁଡ଼ିକର ଲୋକେସନ ଜାଣିବା ପାଇଁ ଗ୍ଲୋବାଲ ପୋଜିସନିଂ ସିଷ୍ଟମ(ଜିପିଏସ) ବ୍ୟବସ୍ଥା ରହିଛି। ସୂଚନା ଯେ, ଗତ ୮ ସେପ୍ଟେମ୍ବର ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮୧ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ ଯାନକୁ ଉଦଘାଟନ କରିଥିଲେ। ୫-ଟି ଯୋଜନାରେ ଅନୁସାରେ ଏହି ବ୍ୟବସ୍ଥାର ସ୍ୱଚ୍ଛତା ଆସିବ। ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ପର୍ଶୁରାମ ପଣ୍ଡା ଉପରୋକ୍ତ ବ୍ଲକର ପ୍ରାଣୀଚିକିତ୍ସା ଅଧିକାରୀମାନଙ୍କୁ ଗାଡି ହସ୍ତାନ୍ତର କରିଛନ୍ତି। ପର୍ଯ୍ୟାୟ କ୍ରମେ ଆହୁରି ଅଧିକ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ ଯାନ ସମ୍ବଲପୁର ଜିଲ୍ଲାକୁ ମିଳିବ ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି।

# ରାଷ୍ଟ୍ରପତିଙ୍କ ରେଢ଼ାଖୋଲ ଗସ୍ତ ପ୍ରସ୍ତୁତି ଶେଷ



**ରେଢ଼ାଖୋଲ,୨୯ା୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଗସ୍ତରେ ଭାରତର ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାର୍ଚ୍ଚ ମାସ ୨ ତାରିଖ ଦିନ ରେଢ଼ାଖୋଲ ଗସ୍ତକୁ ନେଇ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା କୁ ନେଇ ଏକ ଟିମ ପରିଦର୍ଶନ ରେ ଆସି ଶେଷ ପ୍ରସ୍ତୁତି ପାଇଁ ତଦାରଖ କରିଥିଲେ। ଏଥିରେ ସମ୍ବଲପୁର ଜିଲ୍ଲା ଆରଡିସି ଶ୍ରୀକାନ୍ତ ପୃଷ୍ଟି, ସମ୍ବଲପୁର ଜିଲ୍ଲାପାଳ ଅନିଲ ଅଗ୍ରୱାଲ, ଏସପି ମୁକେଶ ଭାମୁ ପ୍ରମୁଖ ସମେତ ବିଭିନ୍ନ ପ୍ରଶାସନ

> **ସୁରକ୍ଷା ବ୍ୟବସ୍ଥାରେ ୮ ଏସ୍‌ପି, କମାଣ୍ଡାଣ୍ଟ ଅଫିସର**
>
> ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୮ଜଣ ଏସ୍‌ପି ଓ କମୋଣ୍ଡେଣ୍ଟ ପାହ୍ୟାର ଅଧିକାରୀ ନିୟୋଜିତ ରହିବେ। ସେହିପରି ୫ଜଣ ଅତିରିକ୍ତ ଏସ୍‌ପି, ୨୩ଜଣ ଡିଏସ୍‌ପି, ୬୨ଜଣ ଥାନାଧିକାରୀ, ୧୭୩ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୩୧ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ।

ଅଧିକାରୀ ମାନେ ଆସି ସନ୍ଥକବି ଭୀମଭୋଇଙ୍କ ସ୍ମୃତି ପିଠ କନ୍ଧରା ଗ୍ରାମ, ପ୍ରାପ୍ତି ପିଠ ମଧୁପୁର ଗ୍ରାମ, ଦୀକ୍ଷା ପିଠ କାଙ୍କନପଡା ଗ୍ରାମ ଏବଂ ରେଢ଼ାଖୋଲ ମିନି ଷ୍ଟାଡିୟମ, କଦଳୀଗଡ଼ ହେଲିପେଡ ପଡିଆ ପ୍ରମୁଖ ବୁଲି ଦେଖି ତଦାରଖ କରିଥିଲେ। ମହିମା ପିଠ ସହିତ ରେଢ଼ାଖୋଲ ମିନି ଷ୍ଟାଡିୟମ ମାନଙ୍କ ରେ କିଭଳି ସୁରକ୍ଷା ବ୍ୟବସ୍ଥା ହେବ ତାକୁ ନେଇ ଆଲୋଚନା କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରେଢ଼ାଖୋଲ ଅଞ୍ଚଳରେ ଜନ ସାଧାରଣ ମାନଙ୍କ ମଧ୍ୟରେ ଉତ୍ସବ ମୁଖର ଦେଖିବାକୁ ମିଳୁଛି। ତା ସହିତ ଏହା ରେଢ଼ାଖୋଲ ଇତିହାସ ରେ ଏକ ସ୍ମରଣୀୟ ସ୍ମୃତି ହୋଇ ରହିଯିବ ବୋଲି ସବୁଠାରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି। ଏଥିରେ ମହିମା ଧର୍ମାବଲମ୍ବୀ ସାଧୁ ସନ୍ଥ ମାନେ ହୋମ ଯଜ୍ଞ କରି ଖୁସି ଜାହିର କରୁଥିବା ଜଣାପଡିଛି।

# ଛାତ୍ରଙ୍କୁ ମାଡ଼ ମାରି ଶିକ୍ଷକ ନିଲମ୍ବିତ

**ଯୁଯୁମୁରା, ୨୯ା୨(ସମିସ):** ଲିପିଣ୍ଡା ପଞ୍ଚାୟତ ଭାଡ଼ିମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଂଶୁମାନ ବାଗ ନିଲମ୍ବିତ ହୋଇଛନ୍ତି। ତାଙ୍କ ନାମରେ ଆସିଥିବା ଅଭିଯୋଗ ଉପରେ ତଦନ୍ତ କରି କମିଟି ରିପୋର୍ଟ ଦେବା ପରେ ବିଇଓ ଉଜାଗର ପ୍ରଧାନ ନିଲମ୍ବନ କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶିକ୍ଷକ ବାଗ କେଜିଏମଏନ ହାଇସ୍କୁଲରେ ନିୟମିତ ଉପସ୍ଥିତ ରହିବେ। ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ବିଇଓଙ୍କ ପାଖରେ ବିଦ୍ୟାଳୟ କମିଟି ଓ ଅଭିଭାବକମାନେ ଅଭିଯୋଗ କରିଥିଲେ, ଗତ ମଙ୍ଗଳବାର ଅପରାହ୍ନ ୨ଟା ପରେ ବିଦ୍ୟାଳୟକୁ ମଦ ପିଇ ଶିକ୍ଷକ ଆସିଥିଲେ। କୌଣସି କାରଣବଶତଃ ପଞ୍ଚମ ଶ୍ରେଣୀର ଦୁଇଜଣ ଛାତ୍ରଙ୍କୁ ମାଡ଼ ମାରିଥିଲେ। ଉକ୍ତ ଛାତ୍ରଦ୍ୱୟ ଘରେ ତାଙ୍କ ଅଭିଭାବକଙ୍କୁ କହିବାରୁ ଅଭିଭାବକ ତଥା ବିଦ୍ୟାଳୟ କମିଟି ଆସି ବିଇଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପୂର୍ବରୁ ଶ୍ରୀ ବାଗଙ୍କୁ କିଛି କାରଣବଶତଃ ଅନ୍ୟତ୍ର ଡେପୁଟେସନରେ ପଠାଯାଇଛି ହେଲେ ସେ ବିଦ୍ୟାଳୟକୁ ଆସି କିପରି ଯୋଗଦେଉଛନ୍ତି। ଭାଡ଼ିମରା ଉଚ୍ଚ ପ୍ରାଥମିକ ଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୫ଥିବାବେଳେ ଅନ୍ୟ ବିଦ୍ୟାଳୟରୁ ୨ଜଣ ଶିକ୍ଷକ ଏହି ବିଦ୍ୟାଳୟକୁ ଡେପୁଟେସନରେ ଆସିଛନ୍ତି। ଦେଖିବାକୁ ଗଲେ ଏହି ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ନାହାନ୍ତି ଆଉ ଛାତ୍ରଛାତ୍ରୀ ଉପସ୍ଥାନ ତୁଳନାରେ ଆଉ ୨ଜଣ ଶିକ୍ଷକ ଆବଶ୍ୟକ। ବିଗତ ଦିନରେ ବିଦ୍ୟାଳୟ କମିଟି ସ୍ଥାନୀୟ ବିଇଓ ଓ ଅନ୍ୟ ଅଧିକାରୀଙ୍କୁ ସାକ୍ଷାତକରି ଏ ନେଇ ଦାବି ଜଣାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉ ବୋଲି ଦାବି କରିଥିଲେ।

## ଆମ୍ବୁଲାନ୍ସ କର୍ମଚାରୀଙ୍କ ମହାନତା

# ରୋଗୀଙ୍କୁ ଖଟିଆରେ ବୋହିଲେ



**ଯୁଯୁମୁରା, ୨୯ା୨(ସମିସ):** ଅନେକ ସମୟରେ ଆମ୍ବୁଲାନ୍ସ କର୍ମଚାରୀ ଭଲ କାମ କରି ଚର୍ଚ୍ଚାରେ ରହିଥାନ୍ତି। ଆଜି ମଧ୍ୟ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିବା ନେଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଘଟଣା କ୍ରମେ ଆଜି ସକାଳେ ବ୍ରାହ୍ମଣୀନାଲି ମହଜନାନାଲିର ସୁଲୁଗା ଲୁଗୁଁନଙ୍କ ପତ୍ନୀ ସଞ୍ଜିତା ଲୁଗୁଁନ୍ଙ୍କ ସ୍ୱାସ୍ଥ୍ୟବସ୍ଥା ହଟାତ ବିଗିଡି ଯାଇଥିଲା। ସେମାନେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କେଶପାଲିରେ ଥିବା ମେଡିକାଲରୁ ଆମ୍ବୁଲାନ୍ସ ଆସିଥିଲା। ହେଲେ ଘର ପାଖକୁ ପହଞ୍ଚି ପାରିନଥିଲା। ଘରୁ ପ୍ରାୟ ୧ କିମି ଦୁର ପୁଡ ବିଭାଗ ରାସ୍ତା ଉପରେ ଆମ୍ବୁଲାନ୍ସ ରହି ଯାଇଥିଲା। ଏଥିରେ ଆମ୍ବୁଲାନ୍ସ କର୍ମଚାରି ମାନବିକତା ଦେଖାଇ ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଖଟିଆରେ ବୋହି ଆଣିଥିଲେ। ରୋଗୀଙ୍କ ପରିଜନଙ୍କୁ ସହାୟତା କରିଥିଲେ। ଏହାର ଫଟୋ ଓ ଭିଡିଓ ଭାଇରାଲ ହେବା ପରେ ଆମ୍ବୁଲାନ୍ସ କର୍ମଚାରୀ ମାନଙ୍କୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଅନ୍ୟପଟେ ଏହି ପଡ଼ାରେ ପ୍ରାୟ ୮ ପରିବାର ବସବାସ କରୁଛନ୍ତି। ଏହି ପଡ଼ାବାସୀଙ୍କ ପାଇଁ କଚା ରାସ୍ତା ରହିଛି। ପକ୍କା ରାସ୍ତା ନିର୍ମାଣ କରାଯାଉ ବୋଲି ଦାବି ହେଉଛି।

# ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସ ଓ ଜାତୀୟ ବିଜ୍ଞାନ ଦିବସ ପାଳିତ

**ଯୁଯୁମୁରା, ୨୯ା୨(ସମିସ):** ଫୁଲଝରଣ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ବୀର ସୁରେନ୍ଦ୍ର ସାଏଙ୍କ ୧୪୦ତମ ଶ୍ରାଦ୍ଧ ଦିବସ ଓ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ କୁଳଧର ପ୍ରଧାନ ଏହି ସଭାରେ ସଭାପତିତ୍ୱ କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସମ୍ବଲପୁର ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଡ଼ ସନ୍ତୋଷ ଦାଶ ସୁରେନ୍ଦ୍ର ସାଏଙ୍କ ଯୁଦ୍ଧ ପରାକାଷ୍ଠା ଓ ତାଙ୍କ ଅବଦାନ ସମ୍ପର୍କରେ ଛାତ୍ରଛାତ୍ରୀ



ମାନଙ୍କୁ ବୁଝେଇଥିଲେ। ଡ଼ ପରେଶ ଚନ୍ଦ୍ର ଦାନୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ ପୃଥିବୀର କୌଣସି ସ୍ୱାଧୀନତା ସଂଗ୍ରାମରେ ଦୀର୍ଘ ୩୭ ବର୍ଷ ଜେଲ ବରଣ କରିଥିବା ଦୃଷ୍ଟାନ୍ତ ନାହିଁ କିନ୍ତୁ ସୁରେନ୍ଦ୍ର ସାଏଙ୍କୁ ଇତିହାସରେ ଉପଯୁକ୍ତ ସ୍ଥାନ ଦିଆଯାଇ ନାହିଁ। ଅତି ଦୟନୀୟ ଅବସ୍ଥାରେ ସୁରେନ୍ଦ୍ର ସାଏଙ୍କ ଦେହାନ୍ତ ହୋଇଥିବା ଅସୀରଗଡ଼ ଜେଲର ପରିଦର୍ଶନ ସମ୍ପର୍କରେ ଡ଼ ଦାନୀ ତାଙ୍କ ହୃଦୟବିଦାରକ ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ସମ୍ମାନିତ ଅତିଥି ସାହିତ୍ୟ ସାଧକ ହୃଷିକେଶ ପୂଜାରୀ ଅନ୍ଧବିଶ୍ୱାସରୁ ଦୂରରେ ରହି ବିଜ୍ଞାନ ସମ୍ମତ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀ ମାନଂକୁ କହିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ପ୍ରଫୁଲ୍ଲ କୁମାର ପଣ୍ଡା। ଏହା ସହ କସ୍ତୁରବା ଗାନ୍ଧୀ ମାତୃ ନିକେତନ ହାଇସ୍କୁଲ ଏବଂ ଆଇଜକ ସାନ୍ତ୍ରା ବାଲ୍ ନିକେତନ ଠାରେ ଏହି ବିଷୟବସ୍ତୁ ମାନଙ୍କ ଉପରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଗାୟତ୍ରୀ ସନ୍ତୋଷ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ରେଡ଼କ୍ରସ ବୃଦ୍ଧାଶ୍ରମ ଓ ବାଳନିକେତନର ଅନ୍ତେବାସୀ ମାନଙ୍କୁ ଖାଦ୍ୟ ପରିବେଷଣ କରାଯିବା ସହ ଏହି ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସନ୍ତୋଷ ଦାଶ, ପରେଶ ଦାନୀ, ହୃଷିକେଶ ପୂଜାରୀ, ପ୍ରଫୁଲ୍ଲ ପଣ୍ଡା, କୂଳଧର ପ୍ରଧାନ ପ୍ରମୁଖ ଜୁଯୋମୁରା ସ୍ଥିତ ସହିଦ ମଧୁ ଗଡ଼ତିଆ ଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।।

# ପାଞ୍ଚଫୁଟ ହାଇସ୍କୁଲରେ ପରିବେଶ ସେମିନାର

**ମାନେଶ୍ୱର, ୨୯ା୨(ସମିସ):** ମାନେଶ୍ୱର ବ୍ଲକ ପାଞ୍ଚଫୁଟ ହାଇସ୍କୁଲର ଯୁବ ଓ ଇକୋ କ୍ଲବ ଆନୁକୂଲ୍ୟରେ ପରିବେଶ ଉପରେ ପର୍ଯ୍ୟବେଶିତ ସେମିନାର ଅନୁଷ୍ଠିତ ହେଇଥିଲା। ବିଜ୍ଞାନ ଶିକ୍ଷକ ମଧୁସୂଦନ ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଇକୋ କ୍ଲବର ପରିଚାଳକ ସତ୍ୟଜିତ ବେହେରା ସେମିନାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ପରିବେଶ ସୁରକ୍ଷା ବିଷୟରେ ଛାତ୍ରଛାତ୍ରୀମାନେ ନିବନ୍ଧ ଉପସ୍ଥାପନ କରିଥିଲେ। ନବମ ଶ୍ରେଣୀର ଛାତ୍ର ବ୍ୟାସଦେବ ରଣା, ଆୟୁଷ ବାଗ, ଛାତ୍ରୀ ସ୍ମୃତିରେଖା ଗଡ଼ତିଆ ଓ ତପସ୍ୱିନୀ ଛୁରିଆ ପରିବେଶ ପ୍ରଦୂଷଣ ଓ ତାର ନିରାକରଣ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ପରେ ତତ୍ ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ ସେମିନାରରେ ପୁଷ୍ପାଞ୍ଜଳି ଡନସନା, ଜ୍ୟୋତିର୍ମୟୀ ଭୋଇ, ଭଗବାନ ଝାଙ୍କର, ବିକାଶ ଓରାମ, ସୁଜିତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ରେଙ୍ଗାଲିରେ ସମଲେଶ୍ୱରୀ ଏକ୍ସପ୍ରେସ ରହଣିକୁ ଭବ୍ୟ ସ୍ୱାଗତ



**ରେଙ୍ଗାଲି, ୨୯ା୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲିରେ ସମଲେଶ୍ୱରୀ ଏକ୍ସପ୍ରେସର ରହଣୀକୁ ଭବ୍ୟ ସ୍ୱାଗତ କରାଯାଇଛି। ଗୁରୁବାର ରେଙ୍ଗାଲି ବିଧାୟକ ନାଉରି ନାୟକ ସବୁଜ ପତାକା ଦେଖାଇବା ପରେ ସମଲେଶ୍ୱରୀ ଏକ୍ସପ୍ରେସ ରେଙ୍ଗାଲି ଷ୍ଟେସନରୁ ଛାଡିଥିଲା। ଏହି ଅବସରରେ ରେଙ୍ଗାଲି ରେଳ ଷ୍ଟେସନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବିଧାୟକଙ୍କୁ ରେଳ ବିଭାଗ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ନାଉରି ନାଏକ, ସାଂସଦ ପ୍ରତିନିଧି ଯୁଗଳ ଅଗ୍ରୱାଲ, ରେଳ ବିଭାଗର ବରିଷ୍ଠ ଅଧିକାରୀ ସିନିୟର ଡିସିଏମ ସମ୍ବଲପୁର ଗରୀମା ତିୱାରୀ, ସିନିୟର ଡିଇଏନଇଷ୍ଟ ସମ୍ବଲପୁର ଏଲ୍‌ବି ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ରେଙ୍ଗାଲି ରେଳ ଷ୍ଟେସନକୁ ସଫା ରଖିବା, ହାଇମେକ୍ସ ଲାଇଟ୍ ଲଗାଇବା, ପିଇବା ପାଣି ବ୍ୟବସ୍ଥା ଓ ରେଳ ଷ୍ଟେସନରେ ଥିବା ଶୌଚାଳୟକୁ ସବୁ ସମୟରେ ଖୋଲା ରଖିବାକୁ ବିଧାୟକ ଦାବି କରିଥିଲେ। ଏହି ଅବସରରେ ନାଉରି ନାଏକ, ଯୁଗଳ ଅଗ୍ରୱାଲ, ବିଶିକେସନ ପଣ୍ଡା, ଶ୍ରୀନିବାସ ତଣ୍ଡକାର, ସୁବାସ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ପାଣି, ଶଶି ଭୂଷଣ ସାହୁ, ଉତ୍ତମ ବିଶ୍ୱାଳ, ସୁଧୀର ଗୁପ୍ତା, ଅଜୟ ମହାପାତ୍ର, ରାଜକିଶୋର ବେହେରା, ସରୋଜ ମେହେର, ରାଜୀବ ମିଶ୍ର, ନୀତିଶ ଅଗ୍ରୱାଲ ପ୍ରମୁଖଙ୍କ ସହ ବହୁ ରେଙ୍ଗାଲି ଜନସାଧାରଣ ଉପସ୍ଥିତ ଥିଲେ।

# ସମସ୍ୟା ସମାଧାନ ଦାବିରେ ଭୋଟ ବର୍ଜନ ଚେତାବନୀ



**କୁଚିଣ୍ଡା, ୨୯ା୨(ସମିସ):** କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଜମନକିରା ପଞ୍ଚାୟତ ସମିତି ଅଧିନସ୍ଥ କୁତବ, ରେଙ୍ଗୁମୁଣ୍ଡା ଓ ସାନବାଦିବାହାଲ ଗ୍ରାମବାସୀ ଅଞ୍ଚଳର ସମସ୍ୟା, ଏନଏଚ ୫୩କୁ କୁତବ, ରେଙ୍ଗୁମୁଣ୍ଡା ଓ ସାନବାଦିବାହାଲ ରାସ୍ତା ଉନ୍ନତିକରଣ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଅଧା ନିର୍ମାଣ ବିଏସ୍ଏନ୍ଏଲ୍ ଟାୱାର୍‌ର ସମ୍ପୂର୍ଣ୍ଣକରଣ ଓ ତୁରନ୍ତ ସେବା ପ୍ରଦାନ, ସରକାରୀ ଖାଉଟି ସାମଗ୍ରୀ ପ୍ରଦାନ ନିମନ୍ତେ କୁତବ ଠାରେ ସବ୍‌ସେଣ୍ଟର ଖୋଲିବା ଏବଂ ବାରମ୍ବାର ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ଗୁରୁବାର କୁଚିଣ୍ଡା ଉପଜିଲ୍ଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ତୁରନ୍ତ ସମାଧାନ ନହୁଏ ତେବେ ଆଗାମୀ ବିଧାନସଭା ନିର୍ବାଚନରେ ଅଞ୍ଚଳବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଲକ୍ଷ୍ମଣ କୁମାର ପାରୁଆ, ଶ୍ରୀକର ପଧାନ, ମନୋଜ ସାହୁ, ଜୟରାମ ସିଂ, ନରେଶ କୁମାର ସାହୁ, ମହାଦେବ ସିଂ, ନିତ୍ୟାନନ୍ଦ ପ୍ରଧାନ, ସୁମନ୍ତ ପଧାନ, ନାରେନ ନାଏକ, ଧାଉ ସିଂ, ମହେନ୍ଦ୍ର ସାହୁ, ସୁଶାନ୍ତ ପଧାନଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

# ଯୁଯୁମୁରା ହକି ପ୍ରତିଯୋଗିତା, ଆନନ୍ଦନଗର ବିଜୟୀ

ଯୁଯୁମୁରା, ୨୯ା୨(ସମିସ)

ଯୁଯୋମୁରା ଠାରେ ଥିବା ହକି ଷ୍ଟାଡିୟମ୍ ଠାରେ ଯୁଯୋମୁରା ହକି ଟୁର୍ଣ୍ଣାମେଣ୍ଟ ୨୦୨୪ ଆଜି ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବାଣିଝରଣ ନ୍ୟୁ ରାଇଜିଙ୍ଗ ଷ୍ଟାର ଓ ଆନନ୍ଦ ନଗର ହୋଇଥିଲା। ଆନନ୍ଦ ନଗର ୨-୧ ଗୋଲରେ ବିଜୟୀ ହୋଇଥିଲା। ଏହାସହ ପ୍ରତିଯୋଗିତା ର ବିଜୟି ଦଳକୁ ୧୨ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୮ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସହିଦ୍ ମାଧୋ ସିଂ ହକି ଏକାଡେମୀ ଯୁଯୋମୁରା ଓ ଜିଇଏଲ ଚର୍ଚ୍ଚ ଯୁଯୋମୁରା ପକ୍ଷରୁ ମିଳିତ ଭାବରେ ଏହାକୁ ଆୟୋଜନ କରାଯାଇଥିଲା। ସହିଦ୍ ମାଧୋ ସିଂ ହକି ଏକାଡେମୀ ଯୁଯୋମୁରା ପକ୍ଷରୁ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତିଙ୍କ ସହ ସବୁ ସଭ୍ୟ ମାନେ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନି ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଅଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆଜି ଏହାର ଉଦଯାପନି ସମାରୋହରେ ମୁଖ୍ୟ ଅତିଥି ଭାବରେ



ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଚର୍ଚ୍ଚର ପାଦ୍ରୀ ଶବନ ବଙ୍କର, ସମ୍ପାଦକ ବିଜୟ ଲୁଙ୍ଗ, ମେଘପାଲ ସରପଞ୍ଚ ମମତା ପ୍ରଧାନ, ଯୁଯୋମୁରା ସରପଞ୍ଚ ବାସନ୍ତୀ ପ୍ରଧାନ, କେସାପାଲି ସରପଞ୍ଚ ରୀତାଞ୍ଜଳି ନାଏକ, ଝାଙ୍କରପାଲି ସରପଞ୍ଚ ନିରଞ୍ଜନ ପଣ୍ଡା, ଛାମୁଣ୍ଡା ସରପଞ୍ଚ ବନିତା ଭୋଇ, ଡଙ୍ଗରପଡ଼ା ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା, ବାହାମ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ଲିପିଣ୍ଡା ସମିତି ସଭ୍ୟ ନୃପଶେଖର କୁମୁରା, ସରକାରୀ ଓକିଲ ଅଶୋକ ସେନାପତି, ଯୁବବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହିରାଲାଲ ବେହେରା ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାର ଫାଇନାଲକୁ ଧାରା ବିବରଣୀ ଡେବିଟ ଟପ୍ପୋ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦାନ କରିବା ଅବସରରେ ଶ୍ରୀ ଆଚାର୍ଯ୍ୟ ଯୁଯୋମୁରା ସ୍ଥିତ ସହିଦ ମଧୁ ଗଡ଼ତିଆ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜେଡି କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ସ୍ୱାଗତ କରି ଯୁଯୋମୁରା ଷ୍ଟାଡିୟମ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏହି ଚାରିଦିନିଆ ହକି ଟୁର୍ଣ୍ଣାମେଣ୍ଟ ରେ ମୋଟ ୪୦ ଗୋଟି ହକି ଦଳ ଅଂଶଗ୍ରହଣ କରିଛନ୍ତି।

# ସହରାଞ୍ଚଳ ପାନୀୟଜଳ ପାଇଁ ଭିତ୍ତିପ୍ରସ୍ତର

**ରେଢ଼ାଖୋଲ, ୨୯ା୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥାନୀୟ ଏନଏସି କାର୍ଯ୍ୟାଳୟ ପରିସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରକୁ ପାନୀୟ ଜଳ ଯୋଗାଣର ଉନ୍ନତି କରଣ ପାଇଁ ଗୁରୁବାର ଦିନ ଆଭାସି ଜରିଆରେ ଭିତ୍ତି ପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏକ ସଭାରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅମୃତ ୨.୦ ଯୋଜନାରେ ୨୨ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟଅଟକଳରେ ପାନୀୟ ଜଳ ଯୋଗାଣର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, ଜଳ ସାଥି, ସ୍ୱଚ୍ଛ ସାଥି ଏନଏସି କାର୍ଯ୍ୟାଳୟର କର୍ମଚାରୀ ଓ କାଉନସିଲର ମାନେ ଉପସ୍ଥିତ ରହିଥିଲେ।

